ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଦ
ତୃତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ-ଅଗଷ୍ଟ ୨୦୨୫
Volume No. 03 | Issue No. 04 | Jul-Aug 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଉତ୍ତରସଂରଚନାବାଦୀ ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ-ଅବବୋଧ ବନାମ୍ 'ଅନାମ କବିତା'ର ଭାଷିକ-ଅନୁଷଙ୍ଗ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

DOI: 10.70541/BAGEESHA/NF2025030401 | RESEARCH ARTICLE

**ମୂଳଶବ୍ଦ:** ଅନାମ, ବିନ୍ଦୁଚିହ୍ନିତ କବିତା, ଅସ୍ଥିର ଅର୍ଥ, ଦର, ସାହୁକାର, ସାଧବ, ଗୋଲାମ ଦାସ, ଅନ୍ଧାର, ନାହିଁ-ଅଛି, ମୁଁ, ସହର, ମାଟି, ନିଃଶ୍ୱାସରୁନ୍ଧା।

ABSTRACT

**ସାରାଂଶ:** *ଗୋଟିଏ ନିଃଶ୍ୱାସରୁନ୍ଧା ପରିମଣ୍ଡଳରୁ ଓଡ଼ିଆ ସାହିତ୍ୟକୁ ଆଉ ଧାପେ ଆଗକୁ ନେବାପାଇଁ ଅନାମଗୋଷ୍ଠୀ ଅଣ୍ଟା ଭିଡ଼ି ଅଭିଯାନ ଆରମ୍ଭ କରିଥିଲେ। ସାଧାରଣ ମଣିଷଙ୍କ ପାଖରେ କାବ୍ୟକବିତାକୁ ପରିବେଷଣ କରିବାପାଇଁ ଅନାମମାନେ ହାଡ଼େ ହାଡ଼େ ଜଗି ରହିଥିଲେ। ସେଥିପାଇଁ ଏମାନଙ୍କର ଭାଷା ଅତ୍ୟନ୍ତ ସରଳ ଓ ସର୍ବଜନବୋଧ ମଧ୍ୟ ଥିଲା। ଏମାନେ ଅମାନିଆ ହେଇ ନୂଆ ପରମ୍ପରା ତିଆରି କରିଛନ୍ତି। ପୁରୁଣା ପରମ୍ପରାକୁ ଅସ୍ୱୀକାର କରି ତଥା ପୁରୁଣା ପରମ୍ପରାର ମଞ୍ଜ ମଧ୍ୟରେ ରହିଥିବା ପ୍ରକୃତ ମୌଳିକତାକୁ ଅନୁସନ୍ଧାନ କରି ଏମାନେ ଏକ ବିବର୍ତ୍ତନଶୀଳ ମାନସିକତା ନେଇ ଓଡ଼ିଆ ସାହିତ୍ୟରେ ନବୀନତା ଆଣିଥିଲେ। ଏମାନେ କାବ୍ୟକବିତାରେ ଯେଉଁ ଭାଷା ପ୍ରୟୋଗ କରୁଥିଲେ, ତାହା ଥିଲା କଞ୍ଚା ଓଡ଼ିଆ ଭାଷା ବା କଥିତ ଭାଷା। ସେହି ଭାଷାକୁ କାବ୍ୟିକ ଭାଷାର ମର୍ଯ୍ୟାଦା ଦେବା ପାଇଁ ଏମାନେ ନିୟମିତ ଚେଷ୍ଟା କରିଥିଲେ। ଏମାନଙ୍କ କବିତାର ଛନ୍ଦ ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏମାନଙ୍କ କବିତାରେ ଅସଂଖ୍ୟ ସୂଚନାମୂଳକ ଶବ୍ଦର ପ୍ରୟୋଗ କରାଯାଉଥିଲା। ଗୋଟିଏ ଗୋଟିଏ ଶବ୍ଦ ବିଭିନ୍ନ ପ୍ରକାରର ଅର୍ଥକୁ ମଧ୍ୟ ବହନ କରୁଥିଲେ। ଧରାବନ୍ଧା ଆଭିଧାନିକ ଅର୍ଥକୁ ଉଲ୍ଲଙ୍ଘନ କରି ଏମାନେ ଯେଉଁ ବହୁମୁଖୀ ଅର୍ଥଯୁକ୍ତ ଅନୁଷଙ୍ଗ ନିର୍ମାଣ କରିଥିଲେ, ସେଥିପାଇଁ ଯୁଗେ ଯୁଗେ ଏମାନେ ଅନନ୍ୟ ହୋଇ ରହିଥିବେ। ଏମାନଙ୍କ କବିତାର ଅନ୍ତଃସ୍ୱରକୁ ଭେଦ କରିବାପାଇଁ ପାଠକକୁ କୌଣସି ଶବ୍ଦକୋଷର ସାହାଯ୍ୟ ନେବାକୁ କେବେ ବି ପଡିବ ନାହିଁ। ଏମାନଙ୍କର ଚୟନ ଓ ପ୍ରୟୋଗ ଧାରାବାହିକ ଓ ଚିରାଚରିତ ନିର୍ମିତିକୁ ଅତିକ୍ରମ କରିଯାଇଥିବାରୁ ଏମାନଙ୍କୁ ୧୯୬୦ ପରବର୍ତ୍ତୀ ଉତ୍ତରସଂରଚନାବାଦୀ ତଥା ଉତ୍ତରଆଧୁନିକତାବାଦୀ ପରମ୍ପରାର ଆଦ୍ୟପ୍ରବର୍ତ୍ତକ ଭାବରେ ଗ୍ରହଣ କରିହେବ। ଆଲୋଚ୍ୟ ପ୍ରବନ୍ଧରେ ଅନାମଗୋଷ୍ଠୀ ଶବ୍ଦକୁ ନେଇ କିପରି ପରୀକ୍ଷାନିରୀକ୍ଷା କରିଛନ୍ତି, ସେଇ ବିଷୟରେ ଚର୍ଚ୍ଚା କରାଯିବ।*

ଉତ୍ତରସଂରଚନାବାଦୀ ଭାଷାଚର୍ଚ୍ଚାରେ ଶବ୍ଦ ବା ସଙ୍କେତକର ଆପେକ୍ଷିକ ବା ଆପାତଃ ବା ପ୍ରତୀୟମାନ ଅର୍ଥ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଏଥିରେ ଯେଉଁ ଭାଷିକ ଅଧ୍ୟୟନ କରାଯାଏ ସେଥିରେ ବସ୍ତୁ ଓ ଶବ୍ଦ ମଧ୍ୟରେ ଥିବା ଅଭେଦ୍ୟ, ସ୍ଥିର ତଥା ଦ୍ୱୈତ-ବିପରୀତ ବିନ୍ୟାସକରଣକୁ ପ୍ରତ୍ୟାଖାନ କରାଯାଏ। ପ୍ରତ୍ୟେକ ରଚନାରେ ଥିବା ପରସ୍ପର-ବିରୋଧୀ ଅର୍ଥକୁ ଅନାବୃତ୍ତ କରି ଅର୍ଥ ଯେ ବହୁମୁଖୀ ଅଭିବ୍ୟକ୍ତିର ବାହକ -ଏହାକୁ ଚର୍ଚ୍ଚା କରାଯାଏ। ଅର୍ଥାତ୍ କୌଣସି ରଚନାକୁ ଏକ ନିର୍ଦ୍ଦିଷ୍ଟ ଓ ପ୍ରାମାଣିକ ଅର୍ଥ ଦ୍ୱାରା ଆକଳନ କରା ନଯାଇ ପ୍ରତ୍ୟେକ ରଚନା ବା Textର ଆପାତଃ ଅର୍ଥ ବା ବହ୍ୟାର୍ଥକୁ ଅନାବୃତ୍ତ କରାଯାଇଥାଏ। ଶବ୍ଦ ଓ ଅର୍ଥ ମଧ୍ୟରେ ଥିବା ସମ୍ପର୍କ ଏହି ଭାଷା ଚର୍ଚ୍ଚାରେ ଅସ୍ଥିର ଓ ପରିବର୍ତ୍ତନଶୀଳ ହୋଇଥାଏ। ଏଠାରେ ଥିବା ଅର୍ଥ ଅଭିଧାନଗତ ଅର୍ଥ ଦ୍ୱାରା ନିର୍ଣ୍ଣିତ ତଥା ନିୟନ୍ତ୍ରିତ ନହୋଇ ଅବଧାରଣାଗତ ସାଂକେତିକତା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏଥିରେ ବ୍ୟାବହାରିକ ଅଧିଗ୍ରହଣ ଉପରେ ଅଧ୍ୟୟନ କରାଯାଏ। ବିଶ୍ଳେଷଣରେ ବ୍ୟାପକତା ଓ ବିଶ୍ଳେଷଣଜାତ ନିୟମମାନଙ୍କର ସର୍ବଜନୀନତା ପ୍ରଭୃତିକୁ ଏଥିରେ ଆଲୋଚନା କରାଯାଏ। ଭାଷା ଏକ ପୈତୃକ ସମ୍ପତ୍ତି ନୁହେଁ ।ଏହା କେତେକ signifiers ବା ସଙ୍କେତସମୂହର ସମାହାର। ଏଥିରେ ସର୍ବଦା ପରିବର୍ତ୍ତନୀୟତା ଦୃଷ୍ଟିଗୋଚର ହୋଇଥାଏ। ଭାଷାର କଥିତ ରୂପକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ। ବିଶେଷ ଭାବରେ ଭାଷାରେ ବ୍ୟବହୃତ ସଙ୍କେତକ ବା ଶବ୍ଦ କିପରି ସ୍ଥିର ଅର୍ଥ ପ୍ରଦାନ ନକରି ଅସ୍ଥିର ଅର୍ଥ ପ୍ରଦାନ କରିଥାଏ ଏବଂ ତତ୍ସହିତ ସାହିତ୍ୟ କୃତିରେ ଥିବା ଅଭିବ୍ୟକ୍ତିକୁ ବହୁମୁଖୀ ଭାବଚେତନା ଦ୍ୱାରା ପରିଚାଳିତ ତଥା ସ୍ୱୟଂକ୍ରିୟ ପ୍ରକ୍ରିୟା ଦ୍ୱାରା ସ୍ୱୟଂଶାସିତ କରାଇଥାଏ ତାହା ଆଲୋଚନା ହୁଏ ।

ମନୁ ଦାସଙ୍କ ଦ୍ୱାରା ସମ୍ପାଦିତ ଅନାମ କାବ୍ୟ ଆନ୍ଦୋଳନ ଗ୍ରନ୍ଥରେ ଅନାମଗୋଷ୍ଠୀର ପ୍ରାଣପ୍ରତିଷ୍ଠାତା କୁମାର ମହାନ୍ତିଙ୍କର କେତେକ ନିର୍ବାଚିତ ଗଦ୍ୟ ରଚନା ସ୍ଥାନିତ ହୋଇଛି। ସେଥିରେ ଅନାମ ୫: ଫେବୃୟାରୀ ୧୯୭୦ ରେ କୁମାର ମହାନ୍ତି ଯେଉଁ

ବକ୍ତବ୍ୟ ପ୍ରଦାନ କରିଛନ୍ତି ତାହା ଏହି ପ୍ରବନ୍ଧର ଉଦ୍ଦେଶ୍ୟକୁ ସମ୍ପୂର୍ଣ ଭାବରେ ଏକ ସମାନ୍ତରାଳ ଦୃଷ୍ଟିକୋଣରୁ ସମର୍ଥନ କରୁଛି। କୁମାର ମହାନ୍ତିଙ୍କ ମତରେ "ବିବର୍ତ୍ତନ-ଧାରାରେ ହେଉ କି ବିପ୍ଳବ ମାଧ୍ୟମରେ ହେଉ, ବସ୍ତୁର ଯେପରି ଗୋଟିଏ ବୈଜ୍ଞାନିକ ଉତ୍ପତ୍ତି ଓ ପରିଣତି ଅଛି- ପ୍ରତ୍ୟେକ ଧାରଣା (idea) ମଧ୍ୟ ସେହିପରି ଗୋଟିଏ ବ୍ୟକ୍ତିଗତ ଅବସ୍ଥା ରହିବା ସ୍ୱାଭାବିକ। ପ୍ରତ୍ୟେକ ଶବ୍ଦ ଗୋଟିଏ ଧାରଣାର ପରିପ୍ରକାଶ ଛଡ଼ା ଅନ୍ୟକିଛି ନୁହେଁ। ଶବ୍ଦ ଉତ୍ପତ୍ତି ପ୍ରୟୋଜନୀୟତାରୁ ଏବଂ ଶବ୍ଦର ମୂଲ୍ୟବୋଧରେ ପରିବର୍ତ୍ତନ..... ସମୟ ଏବଂ ପରିସ୍ଥିତି ଉପରେ ନିର୍ଭର କରେ। ଶବ୍ଦର ପରିଣତି - ଅନ୍ୟ ପ୍ରତ୍ୟେକ ସୃଷ୍ଟିର ଯାହା ପରିଣତି ହେବ। 'ସାହିତ୍ୟ' ଶବ୍ଦର ଉତ୍ପତ୍ତି ବିଷୟରେ ବହୁମତ ଏବଂ କାଳର ପରିବର୍ତ୍ତନରେ 'ସାହିତ୍ୟ' ଶବ୍ଦର ମୂଲ୍ୟବୋଧ ପରିବର୍ତ୍ତିତ ହୋଇଚାଲିଛି। ଏହି ପରିବର୍ତ୍ତନ ମାନସିକ ଓ ଚେତନାର ବିପ୍ଳବ ମାଧ୍ୟମରେ ସଂଘଟିତ। ଯେଉଁ ମୂଲ୍ୟବୋଧ ନେଇ ମନୁଷ୍ୟ ଶବ୍ଦମାନଙ୍କର ଧାରଣା କରେ ତାକୁହିଁ ପ୍ରଶ୍ନ କରି, ସ୍ୱ-ଜାତ ପ୍ରଜ୍ଞା ବଳରେ - ନୂତନ ମୂଲ୍ୟବୋଧ ସ୍ଥାପନ କରେ।"(ପୃଷ୍ଠା ୬୦୯, ଅନାମ କାବ୍ୟ ଆନ୍ଦୋଳନ)

ଉତ୍ତରସଂରଚନାବାଦରେ ଶବ୍ଦର ଅର୍ଥକୁ ଅସ୍ଥିର ବୋଲି କୁହାଯାଇଥାଏ। ଏହି ଅସ୍ଥିର ଅର୍ଥ ଭାବପ୍ରକାଶନ କ୍ଷେତ୍ରରେ ମଧ୍ୟ ଅନିଶ୍ଚୟତା ସୃଷ୍ଟି କରେ। ଅର୍ଥାତ୍ ଯେ କୌଣସି ରଚନାରେ ଥିବା ଶବ୍ଦସଙ୍କେତ ଆଭିଧାନିକ ଅର୍ଥ ପ୍ରକାଶ ନକରି ପ୍ରତୀୟମାନ ଅର୍ଥକୁ ପ୍ରକାଶ କରିଥାଏ। କବି କୁମାର ମହାନ୍ତି 'ଅନାମ' ପତ୍ରିକାର ସମ୍ପାଦକୀୟ ଭାଗରେ ଶବ୍ଦର ଯେଉଁ ଅବଧାରଣାଗତ ଅବବୋଧର ପ୍ରସଙ୍ଗକୁ ଉତ୍ଥାପନ କରିଛନ୍ତି ତହିଁରେ ଉତ୍ତରସଂରଚନାବାଦୀ ଆଭିମୁଖ୍ୟ ସୂଚିତ ହୋଇଛି। ତତ୍ସହିତ 'ଶବ୍ଦର ମୂଲ୍ୟବୋଧରେ ଯେଉଁ ପରିବର୍ତ୍ତନ' ତଥା ସମୟ ଏବଂ ପରିସ୍ଥିତି ପରିପ୍ରେକ୍ଷୀରେ ଶାବ୍ଦିକ ଅବବୋଧ କିପରି ବଦଳି ବଦଳି ଯାଉଥିବାର କଥା କହିଛନ୍ତି, ସେଥିରେ ମଧ୍ୟ ଉତ୍ତରସଂରଚନାବାଦୀ ଆଭିମୁଖ୍ୟ ପ୍ରତିଫଳିତ ହୋଇଛି। ତାଙ୍କ ବିଚାରରେ 'ସାହିତ୍ୟ' ଶବ୍ଦର ମୂଲ୍ୟବୋଧ ପରିବର୍ତ୍ତିତ ହୋଇ ଚାଲିଥାଏ। ଏହି ପରିବର୍ତ୍ତନ, ଏହି ଶବ୍ଦାର୍ଥସ୍ତରୀୟ ଅସ୍ଥିରତାର ଅନେକ ସୁଦୃଢ ଭାଷିକ ଦୃଷ୍ଟାନ୍ତ ଅନାମ କବିତାରେ ରହିଛି। ଏହା ଦ୍ୱାରା ଅନାମ କବିତାଗୁଡ଼ିକରେ ଉତ୍ତରସଂରଚନାବାଦୀ ଭାଷାଚର୍ଚ୍ଚାରେ ବ୍ୟବହୃତ ସଙ୍କେତକର ଆପେକ୍ଷିକ ବା ଆପାତଃ ଅର୍ଥାନ୍ୱୟନ ସମ୍ଭବ ହୋଇପାରିଛି। କବିତାକୁ ଏଠାରେ ଯଦି ଏକ ରଚନା ବୋଲି ଧରି ନିଆଯାଏ ତେବେ ରଚନାରେ ସଂଯୋଜିତ ସଂକେତକସମୂହରେ ପ୍ରତୀୟମାନ ଅର୍ଥ ବା Implied meaning ହିଁ ପ୍ରମୁଖ ଭାବବହନକାରୀ ସାହିତ୍ୟିକ ଆୟୁଧ ଭାବରେ ଭୂମିକା ତୁଲାଇଛି। ଶବ୍ଦ ସ୍ତରରେ ଥିବା ଏହି ଅପାତଃ ଅର୍ଥ କିପରି ଅନାମ କବିତାରେ ଆଭିପ୍ରାୟିକତାରୀତିରେ ଅନ୍ତର୍ବୟନ କରାଯାଇଛି ତାହା ନିମ୍ନରେ ଲକ୍ଷ୍ୟ କରାଯାଉ।

ଓଡ଼ିଶାରେ ଯେଉଁ ଅନାମ ଗୋଷ୍ଠୀଙ୍କର ୧୯୬୦ ପରବର୍ତ୍ତୀ କାଳଖଣ୍ଡରେ ଆବିର୍ଭାବ ଘଟିଥିଲା ସେହି ଗୋଷ୍ଠୀଟି ଗୋଟିଏ ଛୋଟ ଗୋଷ୍ଠୀ ଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲେଖକ ଆତ୍ମସଚେତନ ତଥା ସ୍ୱୟଂକ୍ରିୟ ରୀତିରେ କିଛି ଗୋଟେ ନୂଆକରି ଦେଖେଇବା ପାଇଁ ପ୍ରତିବଦ୍ଧ ହୋଇଥିଲେ। ତତ୍କାଳୀନ ଓଡ଼ିଶାର ସାମାଜିକ ସାରସ୍ୱତ ମହାବ୍ୟାଖ୍ୟାନରେ ସମ୍ମିଳିତ ହୋଇଥିବା ପାରମ୍ପରିକ ଲେଖକମାନଙ୍କର ଲେଖକୀୟ ଗୁଣଧର୍ମକୁ ଉଲଂଘନ କରିବାକୁ ସେମାନେ ପ୍ରୟାସ କରିଥିଲେ। ଶୈଳୀ ଏବଂ ପ୍ରାରୂପଗତ କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ଜଗତରେ ଅନାମ ଗୋଷ୍ଠୀ ଚିର ନବୀନତାର ନିର୍ମାଣ ପାଇଁ ପ୍ରଚେଷ୍ଟା କରିଥିଲେ। ତତ୍କାଳୀନ ସାହିତ୍ୟିକ ପ୍ରେକ୍ଷାପଟରେ ବିଶେଷକରି ମାର୍କସବାଦୀ କାବ୍ୟଚେତନା, ଇଲିଅଟୀୟ କାବ୍ୟଚେତନାର ଦୂର୍ବୋଧତାଯୁକ୍ତ ଧାରାବାହିକତା ତଥା ରକ୍ଷଣଶୀଳ ସ୍ଥିରତାକୁ ଏମାନେ ବିରୋଧ କରି କବିତାର ଭାଷା ଏବଂ ଭାବନାକୁ ସଚଳ ଏବଂ ବହୁମୁଖୀ କରିବା ପାଇଁ ପ୍ରୟାସ କରିଥିଲେ। ସେଥିପାଇଁ ଘୋର ବିରୋଧର ଶିକାର ହୋଇଥିଲେ ଏମାନେ। ପ୍ରତିଷ୍ଠିତ ଶୃଙ୍ଖଳାଠାରୁ ଏମାନେ ଯେତେବେଳେ ନିଜକୁ ବିଚ୍ଛିନ୍ନ କରାଇବାକୁ ତତ୍ପରତା ପ୍ରଦର୍ଶନ କରିଥିଲେ ତତ୍କାଳୀନ ଓଡ଼ିଶାର ପ୍ରଭାବଶାଳୀ ବୁର୍ଜୁଆ ଗୋଷ୍ଠୀଙ୍କ ଦ୍ୱାରା କଟୁ ସମାଲୋଚନାର ଶରବ୍ୟ ହୋଇଥିଲେ। ଏମାନଙ୍କ କବିତାରେ ସିମୁଲେଶନ ବିରୋଧୀ ବକ୍ତବ୍ୟ ରହିଥିଲା। ଏମାନଙ୍କ କବିତା ଥିଲା ବହୁସ୍ୱରୀୟତା (polyphonic) ଏବଂ ବହୁବଚନୀୟତା (pluralistic) ଚେତନାକୈନ୍ଦ୍ରିକ। ସେଥିପାଇଁ ଏମାନେ କହୁଥିଲେ "ଆମେ କେବଳ ଆମେ ହିଁ ରହିଛୁ, ଯାହା ଅଙ୍ଗେ ନିଭଉଛୁ ତାହା ଆମେ ବିନା ଭୟ, ନିସଙ୍କୋଚ ଏବଂ ଲଜ୍ଜାବିହୀନ ଭାବେ ପ୍ରକାଶ କରୁଛୁ। ଆମେ ଭାବୁ ସିଧା ଅଭିବ୍ୟକ୍ତି ଓ ପରିବେଶର ରୂପ କବିତାରେ ପ୍ରତିଫଳିତ ହେବା ଆବଶ୍ୟକ। ରଚନା ଏବଂ ରଚୟିତାର ବ୍ୟକ୍ତିତ୍ୱ ଭିତରେ ଫରକ ଯେତେ କମ୍ ହେବ ରଚନା ସେତିକି ପ୍ରଭାବଶାଳୀ ଓ ମନୋଜ୍ଞ ହେବ।" ଏମାନଙ୍କ କବିତାରେ ଯେଉଁ ମୂଲ୍ୟବୋଧହୀନତା, ସ୍ୱୟଂକ୍ରିୟତା, ଉଦ୍ଭଟତା, ତାତ୍କାଳିକତା, ଉଦ୍ଦେଶ୍ୟହୀନତା, ପରିବର୍ତ୍ତନୀୟତା, ପ୍ରତିଯୁକ୍ତି, ପ୍ରତିସତ୍ୟ, ପ୍ରତିଚିନ୍ତା, ପ୍ରତିଶୃଙ୍ଖଳା, ଶ୍ଳେଷ ଏବଂ ସର୍ବୋପରି Establishment ବିରୋଧୀ ଉଦ୍‌ବେଳନ ପ୍ରଭୃତି ସଂଘଟିତ ହେଇଥିଲା, ସେ ସବୁ ଗୋଟିଏ ଗୋଟିଏ ଉତ୍ତରସଂରଚନାବାଦୀ ଗୁଣଧର୍ମ ଭାବରେ ବିଚାର୍ଯ୍ୟ। ସେଥିପାଇଁ କୁମାର ମହାନ୍ତି କହିଛନ୍ତି "ଅନ୍ଧକାରାଚ୍ଛନ୍ନ ଅତୀତ, ଅଠାଳିଆ ମୃତ ଆଭିଜାତ୍ୟ, ଶ୍ୱାସରୁଦ୍ଧ ବର୍ତ୍ତମାନ ଏବଂ ବିଦେଶୀ ଋଣରେ ଲଦା ସନ୍ଦିଗ୍ଧ ଭବିଷ୍ୟତକୁ ନେଇ ଯଦି କେହି ଆମ କବିତାର ବୌଦ୍ଧିକତା ସମ୍ପର୍କରେ ଯୁକ୍ତି କରେ, ତାହେଲେ ସେ କେବଳ ମୂର୍ଖ ଓ ହାସ୍ୟାସ୍ପଦ ହେବନି ବରଂ ଭୟାନକ ଅପରାଧୀ ଏବଂ ସମାଜଦ୍ରୋହୀ ହେବ।"

### ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚିତ-ଅବବୋଧ ବନାମ ଅନାମ କବିତାର 'ଅନାମ' ଭାଷିକ ଅନୁଷଙ୍ଗ:

ପ୍ରତ୍ୟେକ ବ୍ୟକ୍ତିସତ୍ତାର ଦୁଇଟି ଦିଗ ରହିଛି। ଗୋଟିଏ ହେଉଛି ଅଭ୍ୟନ୍ତରୀଣ ଦିଗ ଏବଂ ଅନ୍ୟଟି ହେଉଛି ବାହ୍ୟ ଦିଗ। ବାହ୍ୟ ଦୃଷ୍ଟିରୁ ଜଣେ ବ୍ୟକ୍ତିର ଗୋଟିଏ ନାମ ଥାଏ। ସେ କାହାର ପୁଅ, କି ଝିଅ, କି ବାପା, କି ମାଆ କି ଅନ୍ୟ କିଛି

ହୋଇଥାଏ। ତାହାର ଗୋଟିଏ ଠିକଣା ଥାଏ। ତାହାର ଶିକ୍ଷାଗତ ଯୋଗ୍ୟତା ଥାଏ। ପଦପଦବୀ ଥାଏ; କିନ୍ତୁ ଏସବୁ ଭିତରେ ପ୍ରକୃତରେ ଅଭ୍ୟନ୍ତରୀଣ ବ୍ୟକ୍ତିସତ୍ତାଟି ନ ଥାଏ। ଅଭ୍ୟନ୍ତରୀଣ ବ୍ୟକ୍ତିସତ୍ତା କହିଲେ ଯାହାକୁ ବୁଝାଯାଏ ତାହାହିଁ ହେଉଛି 'ଅନାମ' ଅନୁଷଙ୍ଗ। 'ଅନାମ' ଶବ୍ଦ ମାଧ୍ୟମରେ ଅନାମଗୋଷ୍ଠୀ ବହୁତ କିଛି ଅନାବିଷ୍କୃତ ଦିଗନ୍ତକୁ ଆଲୋକୋନ୍ମୁଖ କରିବା ପାଇଁ ପ୍ରୟାସ କରିଛନ୍ତି। ପ୍ରକୃତରେ ସେ 'ଅନାମ' କିଏ? ସେ ନାରୀ ନା ପୁରୁଷ? ନା ଅର୍ଦ୍ଧନାରୀଶ୍ୱର? ନା ମୁଁ? ନା ମୁଁ ଙ୍କ ଭିତରୁ ଜଣେ?- "ଯେ ଫିଙ୍ଗିଛି 'ମୁଁ' ର ସ୍ଥିତିକୁ- ଅନ୍ୟାର୍ଥେ ଅନାମ"(ଅନାମ ବାୟାର ଗୀତ: ପୃଷ୍ଠା -୩ )। କିମ୍ବା "ହେ ଅନାମ, ହେ ମାନସ ହଂସ /କିଏ ତୋର ପରିଜନ ?/ କହ ତୋର ସୃଷ୍ଟିର ବୟସ ( ଅନାମ ଅଣଚାଶ: ପୃଷ୍ଠା -୮୫ )।

ବାସ୍ତବିକ ଜୀବନ ହେଉଛି ଏକ ଅନିଶ୍ଚିତ ଅବବୋଧର ସର୍ବୋଚ୍ଚ ଗନ୍ତାଘର। ଯେଉଁଠି ନିଶ୍ଚିତତା ଥାଏ ସେଇଠି ସବୁକିଛି ଶେଷ ହୋଇଯାଇଥାଏ। ହୁଏତ ସେଇଠି ପରିଜନମାନେ ଥାଆନ୍ତି; ସେଇଠି ବହୁତ କିଛି ଘଟଣା ଘଟେ; ସେଇଠି ବୟସ ଆକଳନ କରାଯାଏ; କିନ୍ତୁ ଅଭ୍ୟନ୍ତରୀଣ ଦୃଷ୍ଟିରୁ ବ୍ୟକ୍ତିସତ୍ତାରେ ଯେଉଁ ଅନାମ ଅବବୋଧ ଥାଏ, ତାର କିଛି ବୟସ ନାହିଁ। ସେ ଏକ ଅନନ୍ତ ସମ୍ଭାବନାରୁ ଆସିଛି; ପୁଣି ସେଇଠି ସେ ମିଶିଯିବ। ସେ ମାନସରୋବରରୁ ହଂସ ଭାବରେ ଆସିଛି; ସେ ପୁଣି ଉଡ଼ିଯିବ। ତେଣୁ ଜୀବନରେ ନାମଗତ ଅବବୋଧ ପ୍ରକୃତରେ ଜୀବନକୁ ଜୀବନମୁଖୀ କରେ ନାହିଁ। ଜୀବନ ଯେତେବେଳେ ନାମର ଅଜସ୍ର ବନ୍ଧନରୁ ମୁକ୍ତ ହୁଏ, ସେତେବେଳେ ଜୀବନ, ଜଗତ ଏବଂ ବ୍ୟକ୍ତିସତ୍ତା ଏକାତ୍ମତାରେ ଏକାୟନତା ଅର୍ଜନ କରନ୍ତି। ସେଥିପାଇଁ କୁମାର ମହାନ୍ତି ତାଙ୍କ କବିତାରେ ଉଚ୍ଚାରଣ କରିଛନ୍ତି: "ମୁଁ ଚାହୁଁଛି ଏପରି ଦୁନିଆ /ଦେଇକି ପାରିବ ନାମ/ ଯେ ଦୁନିଆର ଆତ୍ମା ହେବ ମଣିଷ ପଣିଆ।" କିମ୍ବା 'ଅନାମ ଅନାମ/ ସର୍ଜନାର ପ୍ରଥମ ଓ ଅନ୍ତିମ ଅନାମ/ ରୂପ ନାହିଁ ରଙ୍ଗ ନାହିଁ/ ଯୌବନ ବା ଜରା ନାହିଁ ମୋର/ ଶବ୍ଦରୁ ଆରମ୍ଭ ଏବଂ ଶବ୍ଦେ ଅନ୍ତ ମୋର/ ମୁଁ ମୋ ଦର୍ଶନ/ ଅବା ମାନସ ଗୋଚର।"

ପ୍ରକୃତରେ ଇତିହାସ ପୃଷ୍ଠାରେ ଜୀବନ ଅନୁପସ୍ଥିତ ଥାଏ। ସେଥିପାଇଁ କୁମାର ମହାନ୍ତି କହନ୍ତି 'ମୁଁ ଇତିହାସରେ ସ୍ଥାନ ପାଇବାକୁ ଅଥବା ବ୍ୟବସାୟ କରିବାକୁ କବିତା ଲେଖେନି। କବିତା ମୋ ଆତ୍ମାର ଆନନ୍ଦ, କବିତା ମୋ ଜୀବନ। ଯଦି ମୁଁ ଏହା ନ କରୁଛି, ମୁଁ ଅନାମ ନୁହେଁ।"

ସତରେ ଏଇ ଧୂଳିମାଟିର ବିଶ୍ୱରେ ମଣିଷ ଜଡ଼ଚେତନାରୁ ପ୍ରାଣଚେତନା, ପ୍ରାଣଚେତନାରୁ ମାନସଚେତନା, ମାନସଚେତନାରୁ ମାନସୋତ୍ତରଚେତନା ଦେଇ ଆଜି ଯେଉଁଠି ଆସି ପାଦ ଥାପିଛି, ତାହା ହେଉଛି ଏକ ବିଶାଳ ସର୍ଜନା ରୂପକ ରୂପରେଖର ଗୋଟିଏ ଗୋଟିଏ ପାବଚ୍ଛ। ଏହାର ନା ଅଛି ଶେଷ ନା ଅଛି ଆରମ୍ଭ। ଏହାର ନା ଅଛି ରୂପ ନା ଅଛି ରଙ୍ଗ। ନା ଅଛି ଯୌବନ ନା ଅଛି ବାର୍ଦ୍ଧକ୍ୟ। ଏଠି ସବୁକିଛି ଶବ୍ଦରେ ଆରମ୍ଭ ହେଲେ ମଧ୍ୟ ସେହି ଶବ୍ଦରେ ସବୁକିଛି ଅନ୍ତ ହୁଏ। ଯଦି ମଣିଷ ମଧ୍ୟରେ ମଣିଷପଣିଆ ନାହିଁ, ଆତ୍ମ ଉପଲବ୍ଧି ନାହିଁ; ମଣିଷ ଯଦି ଅପରକୁ ନିଜସମ ଜ୍ଞାନ କରୁନାହିଁ, ତାର ଅନ୍ତରର ଭାଷାରେ ଯଦି ପ୍ରେମ ନାହିଁ, ତା ଭାଷାରେ ଯଦି ମୈତ୍ରୀ ନାହିଁ, ଶାନ୍ତି ନାହିଁ ତେବେ ଆଉ ଯାହା କିଛି ଥାଉ ନା କାହିଁକି- ତାହା ଅନନ୍ତ ଜୀବନର ମହାପ୍ରବାହ ସାଜି ପାରିବ ନାହିଁ। ମୁଁ ସଭିଙ୍କ ଭିତରେ ଅଛି ମୋ ଭିତରେ ସଭିଏଁ ଅଛନ୍ତି। ଯେତେବେଳେ 'ମୁଁ' ସଭିଙ୍କରେ ପରିଣତ ହେଇଯାଉଛି ଆଉ 'ସଭିଏଁ' ମୁଁରେ ପରିଣତ ହେଇ ଯାଉଛନ୍ତି, ସେତେବେଳେ ସେଠି ଆଉ ଏକବଚନୀୟତାର ଆବଶ୍ୟକତା କଣ ରହିଛି? ଅର୍ଥାତ ସେଠି ସବୁକିଛି ବହୁବଚନୀୟତାବାଦରେ ରୂପାନ୍ତରିତ। ସେଠି ଯେଉଁ ଦୃଶ୍ୟ ତାହାର ବହିର୍ଭୂତ ଆହୁରି ଅଜସ୍ର ଦୃଶ୍ୟ; ସେଠି ଯେଉଁ ଶ୍ରାବ୍ୟ ତାହାର ବହିର୍ଭୂତ ଅଜସ୍ର ଶ୍ରାବ୍ୟ; ସେଠି ଯେଉଁ ସ୍ପର୍ଶ ତାହାର ବହିର୍ଭୂତ ଅଜସ୍ର ସ୍ପର୍ଶ; ସେଠି ଯେଉଁ ଘ୍ରାଣ ତାହାର ବହିର୍ଭୂତ ଅଜସ୍ର ଘ୍ରାଣ ଅନନ୍ତ ବିସ୍ତାରଣ ଘଟାଉଛି। ପୁଣି ସେଠି ଇନ୍ଦ୍ରିୟମାନଙ୍କର ବ୍ୟାକରଣ ନାହିଁ। ସେଠି ବୁଦ୍ଧିର ପରିଶୀଳନ, ଅନୁଶୀଳନ କିମ୍ବା କସରତ ନାହିଁ। ସେଠି ଅହମିକା ନାହିଁ। ତେଣୁ ଅନାମ ଆନ୍ଦୋଳନରେ ଯେଉଁ 'ଅନାମ' ଶାବ୍ଦିକ ତଥା ଭାଷିକ ଅନୁଷଙ୍ଗ ରହିଛି, ତାହାର ଅର୍ଥ ସତରେ ଆଭିଧାନିକତାଯୁକ୍ତ ନୁହେଁ; ବରଂ ଅସ୍ଥିର ଏବଂ ଏହି 'ଅନାମ' ଶବ୍ଦର ଅବବୋଧ ମଧ୍ୟ ଅନିଶ୍ଚିତ, ବହୁମୁଖୀ, ବହୁପ୍ରସୂ, ବହୁପ୍ରସାରୀ ମଧ୍ୟ। ଏହାକୁ ଯିଏ ଯେଉଁଭଳି ଭାବରେ ଦେଖିବ ସେ ସେହିଭଳି ଭାବରେ ଅନୁଭବିତ ହେବ। ସେଥିପାଇଁ ଅନାମମାନେ କହନ୍ତି- "ଆମେସବୁ ନାମ, ଆମକୁ ବାନ୍ଧି ରଖିଥିବା ସୂତା ହିଁ ଅନାମ ।"

## ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚିତ-ଅବବୋଧ ବନାମ ଅନାମ କବିତାର ବିନ୍ଦୁ/ଶୂନ ଚିହ୍ନିତ ମାପକ୍ରମୀ ଅନୁଷଙ୍ଗ:

ଶୀର୍ଷକହୀନ ବା ବିନ୍ଦୁ ବା ଶୂନଚିହ୍ନିତ କବିତା ରଚନା କରି ନାମର ଭିଡ଼ ମଧ୍ୟରୁ କବିତାକୁ ମୁକ୍ତି ଦେବା ପାଇଁ ଅନାମ ଗୋଷ୍ଠୀ ଚେଷ୍ଟା କରିଥିଲେ। "କବିତାର ଶୀର୍ଷକ ବା ଶିରୋନାମା ହେଉଛି ଆଙ୍ଗିକର ଏକ ଅଂଶ ଏବଂ ଅଧିକାଂଶ ସମୟରେ କବିତାର ଅନ୍ତଃସ୍ୱର ଉପରେ ଏହି ଶୀର୍ଷକୀକରଣ କରାଯାଇଥାଏ। କବିତାର ଶୀର୍ଷକ ନ ଦେବା ପଛରେ ଅନାମ କାବ୍ୟତତ୍ତ୍ୱର ମୂଳ ବୀଜଟିକୁ ଉଖାରି ଥିଲା ଓ ଏହାକୁ ନିଜ ସାଂସ୍କୃତିକ ଚେର ସହ ଯୋଡ଼ିଥିଲା। ଜଣେ କବି ଅର୍ଥାତ୍ ସ୍ରଷ୍ଟା ଓ ଆରଟି ହେଲା କବିତା ବା ସୃଷ୍ଟି। ସୃଷ୍ଟିର ଶିରୋନାମା ବା ନାମକରଣ ରହିବନି ବୋଲି ଅନାମ ତର୍କ ରଖିଥାଏ। ୧୯୬୯ରେ ଅନାମର ପ୍ରଥମ ସଂଖ୍ୟା ପରେ ପରେ ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ସଂଖ୍ୟା ଅନାମରେ କବି ଓ ଲେଖକଙ୍କ ନାମକୁ ନେଇ କିଛି ପରୀକ୍ଷାନିରୀକ୍ଷା କରାଯାଇଛି। ଅନାମ ୫ରେ କୌଣସି ଲେଖା ଉପରେ କବି ଓ ଲେଖକର ନାମ ଦିଆ ନଯାଇ ପତ୍ରିକାର ପଛ ପୃଷ୍ଠାରେ ନାମଗୁଡ଼ିକ କ୍ରମାନ୍ୱୟରେ ଲେଖାଯାଇଥିଲା। ଅଥଚ ଅନାମ ୬ ସଂଖ୍ୟାରେ ପଛ ପୃଷ୍ଠାରେ କବିଙ୍କ ନାମ ଲେଖା ଯାଇଥିଲା; ମାତ୍ର ତାହା କ୍ରମାନୁସାରେ ଲେଖା ଯାଇଛି ନା ନାହିଁ ସେ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ମୋଟ ଉପରେ ଅନାମମାନେ ନିଜ ନାମକୁ ନେଇ ଏତେ ବେଶୀ ବ୍ୟାକୁଳ ନଥିଲେ।"(ସୌଜନ୍ୟ ଅନାମକାବ୍ୟ ଆନ୍ଦୋଳନ ପୃଷ୍ଠା ୬୬୯

ଓ ୬୭୦: ଆଳାପ ପବିତ୍ରମୋହନ ଦାଶ ଓ ମନୁ ଦାଶ।

ଶୂନ୍ୟ ବା ବିନ୍ଦୁକୁ ନେଇ ଭାରତବର୍ଷର ଅଧ୍ୟାତ୍ମବାଦ ବହୁଭାବରେ ପ୍ରଭାବିତ। ଭାରତୀୟ ଜ୍ଞାନ ପରମ୍ପରାରେ ବିନ୍ଦୁରୁ ବିସ୍ତୃତି ଆଡ଼କୁ ଆରୋହଣ କରିବା ଏବଂ ବିସ୍ତୃତିରୁ ବିନ୍ଦୁ ଆଡ଼କୁ ଅବରୋହଣ କରି ଜୀବନର ପରିବ୍ୟାପ୍ତିକୁ ଉପଲବ୍ଧି କରିବା ହେଉଛି ମୂଳ ଲକ୍ଷ୍ୟ। ଗଙ୍ଗାଧର ମେହେର ତାଙ୍କ 'ଅମୃତମୟ' କବିତାରେ ସେଥିପାଇଁ 'ମୁଁ ତ ଅମୃତ ସାଗର ବିନ୍ଦୁ /ନଭେ ଉଠିଥିଲି ତେଜି ସିନ୍ଧୁ /ଖସି ମିଶିଛି ଅମୃତ ଧାରେ/ଗତି କରୁଛି ସେ ଅକୂପାରେ/ ପଥେ ଶୁଖିଗଲେ ପାପତାପରେ /ହୋଇ ଶିଶିର ଖସିବି ତାପରେ /ଅମୃତମୟ ଅମୃତରୟ ସହିତ ମିଶିବି ସାଗରେ" ବୋଲି କହିଛନ୍ତି। ଏଠାରେ ମଧ ବିନ୍ଦୁର କଥା ଆସୁଛି। ତେବେ ଅନାମ କବିମାନେ ବିନ୍ଦୁଚିହ୍ନିତ କବିତା ରଚନା କରି କବିତାର ଶୀର୍ଷକ ବା ଶିରୋନାମ ଅପେକ୍ଷା ତାର ଅନ୍ତର୍ନିହିତ ନିଷ୍କର୍ଷ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। ମାଇକେଲ ରିଫାଟେରଙ୍କ ମତରେ "ସାହିତ୍ୟରେ ସାଧାରଣତ ବ୍ୟବହାର କରାଯାଉଥିବା ଭାଷା ଏବଂ ଆଙ୍ଗିକକୁ ଆଖି ଆଗରେ ରଖି ପାଠକ ଲେଖାଟିଏ ପଢ଼ିବା ଆରମ୍ଭ କରେ ଏବଂ ତାର ପ୍ରତିକ୍ରିୟା ସାହିତ୍ୟିକ ଭାଷା ଏବଂ ଆଙ୍ଗିକର ଗତାନୁଗତିକତା କିମ୍ବା ବ୍ୟତିକ୍ରମ ଭିତରେ ଏକ ନିର୍ଦ୍ଦିଷ୍ଟ ରୂପ ଆହରଣ କରେ।"

ପ୍ରତ୍ୟେକ କବି ବା କବିଗୋଷ୍ଠୀ ନିଜ ନିଜର ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ବା ଢଙ୍ଗରେ ଲେଖା ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଅନାମମାନେ ସେହିଭଳି କବି ଭାବରେ ପରିଚିତ ଥିଲେ। ତେବେ କବିତାରେ ଶୀର୍ଷକ ନଦେବା ପଶ୍ଚାତରେ ଏବଂ ବିନ୍ଦୁଚିହ୍ନିତ ପ୍ରକ୍ରିୟାରେ କବିତା ରଚନା କରିବା ଦ୍ୱାରା ଆରମ୍ଭରୁ ପାଠକର ପଠନ ଓ ମନନ ପ୍ରକ୍ରିୟା ଏକ ଅପ୍ରତ୍ୟାଶିତ ପରିମଣ୍ଡଳ ଆଡ଼କୁ ପ୍ରକ୍ଷେପିତ ହୋଇଥାଏ। ଫଳରେ ପାଠକ ମନରେ ଶୀର୍ଷକୀକରଣମୂଳକ ପୂର୍ବନିର୍ଦ୍ଧାରିତ ଧାରଣା ପ୍ରତିହତ ହୋଇ ଲେଖାରେ ବା କବିତାରେ ଥିବା ବହୁମୁଖୀ ଅସ୍ଥିର ଅର୍ଥ ସମ୍ପର୍କରେ ପ୍ରତ୍ୟାଶା ସୃଷ୍ଟି ହୁଏ। ପାଠକ ଲେଖାର ସାମଗ୍ରିକ ସଂସ୍ଥିତି ମଧ୍ୟରେ ଥିବା ବହୁମୁଖୀ ପ୍ରତୀୟମାନ ଅର୍ଥକୁ ଆବିଷ୍କାର କରିପାରେ। ଏହାଦ୍ୱାରା କବିତାର ଯଥାର୍ଥ ଅବବୋଧ ପାଇଁ ପାଠକର ସାରସ୍ୱତ ସାମର୍ଥ୍ୟ ତ୍ୱରାନ୍ୱିତ ହୋଇଥାଏ।

ବିଭିନ୍ନ ପାଠକଙ୍କର ପାଠକୀୟ ସ୍ୱହୃଦୟତାର ସ୍ଥାନକାଳପାତ୍ରଗତ ସାମର୍ଥ୍ୟ ଅନୁସାରେ ଅର୍ଥସ୍ତରୀୟ ଅବବୋଧ କ୍ଷେତ୍ରରେ ବହୁମୁଖୀନତା ନିଷ୍ପାଦିତ ହୋଇଥାଏ। ଫଳରେ କବିତା ଏଠାରେ ବୈୟକ୍ତିକ ନହୋଇ ନୈର୍ବ୍ୟକ୍ତିକ ହୋଇ ଉଠେ। ଏଭଳି କ୍ଷେତ୍ରରେ ପାଠକ କବିତାର ଶିରୋନାମା ଏବଂ କବିଙ୍କର ପ୍ରସିଦ୍ଧ କିମ୍ବା ଅପ୍ରସିଦ୍ଧ ପରିଚୟାତ୍ମକ ପ୍ରାମାଣିକତାରୁ ଲଙ୍ଘିତ ହେବା ଦ୍ୱାରା କବିତା authorly text ନହୋଇ readerly text ହୋଇଯାଏ। କବିତା ବହୁସ୍ତରୀୟ ଅର୍ଥ ମଧ୍ୟ ସୃଷ୍ଟି କରେ। ଏହା ଦ୍ୱାରା ଲେଖାର ଅର୍ଥସ୍ତରୀୟ ଅବବୋଧ ବିବିଧତାଯୁକ୍ତ ହୋଇଯାଏ। ତଦ୍ଦ୍ୱାରା ଲେଖକର ନାମଗତ ବା ଶିରୋନାମାଗତ ଆଧିପତ୍ୟ ସେଠାରେ ହ୍ରାସ ପାଏ। ତେଣୁ ଅନାମ କବିମାନେ ବିନ୍ଦୁଚିହ୍ନିତ ବା ଶୂନଚିହ୍ନିତ ଶୀର୍ଷକହୀନ କବିତା ଏବଂ କବିଙ୍କର ନାମ କବିତାର ଆରମ୍ଭ ଭାଗରେ ସଂଯୁକ୍ତ ନକରିବା ଦ୍ୱାରା ତାହା ଲେଖକକୈନ୍ଦ୍ରିକ ନ ହୋଇ ପାଠକକୈନ୍ଦ୍ରିକ ହୋଇଉଠିଛି ।

**ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ ଅବବୋଧ ବନାମ 'ଦର' ଓ 'ସାହୁକାର' ସଂକେତକର ଭାଷିକ-ଅନୁଷଙ୍ଗ:**

୧୯୯୪ 'ପ୍ରଜ୍ଞାଲୋକ' ପତ୍ରିକାରେ ପ୍ରକାଶିତ ଓ ୨୦୨୦ରେ 'ଧଉଳି ବୁକ୍ସ' ଦ୍ୱାରା 'ଅନାମ ଛନ୍ଦ' ସଙ୍କଳନରେ ସମ୍ପାଦିତ କୁମାର ମହାନ୍ତିଙ୍କ 'ଦର' ଶବ୍ଦବିମ୍ବ ସଂଯୋଜିତ ଗୋଟିଏ କବିତା ରହିଛି। କବି ଏହି କବିତାରେ 'ଦର' ଶବ୍ଦଟିକୁ ବାରମ୍ବାର ବ୍ୟବହାର କରିଛନ୍ତି। ପ୍ରତ୍ୟେକ ବ୍ୟବହାରରେ 'ଦର' ଶବ୍ଦ ତାର ଆଭିଧାନିକ ଅର୍ଥକୁ ଉଲଂଘନ କରି ଭିନ୍ନ ଭିନ୍ନ ବହ୍ୱାର୍ଥକତାକୁ ସୂଚିତ କରିଛି। କବି ଏ କବିତାରେ ଯେତେବେଳେ ସାହୁକାରକୁ 'ଦୁଃଖ ଦର କଥା' ପଚାରୁଛନ୍ତି ସେତେବେଳେ ଶୋଷଣ ଓ ପୀଡ଼ନ ହୋଇଯାଇଛି ଏଇ 'ଦର' ଶବ୍ଦର ସାଙ୍କେତିକ ନିଷ୍କର୍ଷ। ପୁଣି 'ଦୁଃଖଦର ଓ ସୁଖଦର କେତେ?' ବୋଲି ପ୍ରଶ୍ନକରି ଦୁଃଖସୁଖଚକ୍ରକୁ ଚିରନ୍ତନ ଜୀବନ ପ୍ରକ୍ରିୟାର ଅଂଶବିଶେଷ ବୋଲି କହିଛନ୍ତି। ତତ୍ପରେ ସେହି ସାହୁକାରକୁ 'ଜୀବନ ଓ ମରଣର ଦର କଷିଲ' ବୋଲି କହି 'ଲାଭକ୍ଷତି' ଓ ମୂଳସୁଧସର୍ବସ୍ୱ ଶୋଷଣ ଧାରାର ସ୍ୱରୂପକୁ ଅନାବୃତ୍ତ କରିଛନ୍ତି। ପୁଣି ସେହି ସାହୁକାରକୁ ଯେତେବେଳେ କବି 'ପ୍ରେମର ଦର ଓ ସର୍ଜନାର ଦର କେତେ କହ?' ବୋଲି ସମ୍ବୋଧନ କରିଛନ୍ତି ସେତେବେଳେ ଏକ ମହାଜାଗତିକ ସୃଷ୍ଟିଶୀଳତାର ଆନନ୍ତ୍ୟ ତଥା ସୃଷ୍ଟିର ଆଦିମୂଳ ପରମଚେତନା ସମ୍ପର୍କିତ ସୂଚନା ପ୍ରଦାନ କରିଛନ୍ତି।

ଏଠାରେ ସାହୁକାର, ସାହୁକାର ଶବ୍ଦର ସ୍ଥିର ଅର୍ଥ ନୁହେଁ। ସାହୁକାର ହେଉଛି ମଣିଷକୃତ ମଣିଷର ଲୋଲୁପତା, ହିଂସ୍ରତା, ଲୋଭାତୁରତା, ଆଦିମତା ମଧ୍ୟରୁ ଜନ୍ମ ନେଇଥିବା ଗୋଟିଏ ଛଳଶୀଳ କୃତ୍ରିମ ମଣିଷର ପ୍ରତ୍ୟକ୍ଷ ଅବତାର। ଯେଉଁ ସାହୁକାର ସେକ୍ସପୀୟରଙ୍କ 'ମାର୍ଚେଣ୍ଟ ଅଫ ଭେନିସ'ର ସାଇଲକ୍ ଚରିତ୍ରଠାରୁ ଆରମ୍ଭ କରି ଫକୀରମୋହନୀୟ 'ଛମାଣ ଆଠଗୁଣ୍ଠ'ର ରାମଚନ୍ଦ୍ର ମଙ୍ଗରାଜଙ୍କ ପର୍ଯ୍ୟନ୍ତ ବିସ୍ତାରିତ। ଶୋଷଣପୀଡ଼ନ ରୂପକ ଅଭିଯାନ ଚଳାଇ ସେ ଏ ପୃଥିବୀକୁ ସେ ହାତମୁଠାରେ ରଖିବା ପାଇଁ ହଜାର ହଜାର ବର୍ଷ ଧରି ମସୁଧାକରି ଆସିଛି। ଏ କବିତାରେ କବି ତାହାରି ପ୍ରତି ହିଁ ପ୍ରଶ୍ନଶୀଳ। ତତ୍ପରେ କବି ଏହି ଶୂନ୍ୟରୁ ଯେତେବେଳେ ସୃଷ୍ଟି ପ୍ରକ୍ରିୟାର ଅଙ୍କୁରୋଦ୍ଗମ ହେଲା ତାର ଦର; ପିତାର ରେତ ଦର; ମାତାର ଗର୍ଭ ଯନ୍ତ୍ରଣାର ଦର; ଶିଶୁ ଭୂମିଷ୍ଠ ହେବା ସହିତ ତାର ଯେଉଁ କୁଆଁ କୁଆଁ ରାବ ତାର ଦର; ଆଉ ଶେଷରେ ମଣିଷ ଯେତେବେଳେ ସ୍ୱର୍ଗ ଦୁଆରକୁ ଯାତ୍ରା କରୁଛି ତାର ଦର କେତେ ବୋଲି କବି କୁମାର ମହାନ୍ତି ସାହୁକାରକୁ ବାରମ୍ବାର ପଚାରିଛନ୍ତି। ତା ପରେ ପୃଥିବୀର ଦର, ଜାତି ପ୍ରଥାର ଦର, ଓଡ଼ିଆ ଜାତିର ଦର, କୈବଲ୍ୟର ଦର, ବିଶ୍ୱାସର ଦର, ଭରସାର ଦର, ଅନୁଭୂତିର ଦର, କବିର ଅକ୍ଷରର ଦର, ଅଣାକ୍ଷରର ଦର, ଅଣଚାଶର ଦର, ମହାକାଳର ଦର ସମ୍ବନ୍ଧରେ ପ୍ରଶ୍ନ କରିଛନ୍ତି

ସାହୁକାରକୁ। ସାହୁକାର ହେଉଛି ପ୍ରତ୍ୟେକ ମଣିଷଗଡା ମଣିଷର ପ୍ରତିନିଧି। ଏହି ସାହୁକାର ହେଉଛି 'Survival of the fundamentals of Classic realism। ଯାହାକୁ ଡାଡାଇଜିମ୍ futurism, surrealismରେ ପ୍ରତ୍ୟାଖାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସାହୁକାର ଜଣକ ମଧ୍ୟ ବୁର୍ଜୁଆ ଗୋଷ୍ଠୀର ପ୍ରତୀକ। ଯିଏ ନିଜେ ବଞ୍ଚେ। ନିଜେ କେବଳ ବଞ୍ଚି ସର୍ବସ୍ୱ ଉପଭୋଗ କରିବାକୁ ପ୍ରୟାସ କରେ। ଅନ୍ୟମାନଙ୍କୁ ଶୋଷଣ କରେ।

ମଣିଷ ଯେତେବେଳେ ନିଜକୁ ମଣିଷ ଚେତନା ମଧ୍ୟରୁ ନିଜକୁ ବାହାର କରିନେଇ ଗୋଟିଏ ନକଲି ମଣିଷର ମୁଖା ପିନ୍ଧି ଅନ୍ୟ ଜଣେ କିମ୍ବା ଅନେକ ମଣିଷକୁ ନିର୍ଦ୍ଦ୍ୱନ୍ଦରେ ଶୋଷଣ କରେ ଏବଂ ଏ ଶୋଷଣ କେବଳ ଗୋଟିଏ କ୍ଷେତ୍ରରେ ନୁହେଁ ବିଭିନ୍ନ କ୍ଷେତ୍ରରେ ଦେଖା ଯାଏ, ସେତେବେଳେ କୁମାର ମହାନ୍ତି ଭଳି କବିମାନେ ଜନ୍ମ ନିଅନ୍ତି। ସେଇଥି ପାଇଁ କବିଙ୍କର ପ୍ରଶ୍ନ। ଦର କଷାକଷି ମଧ୍ୟରେ ଜୀବନ ଆଉ ଜଗତ ତଥା ବ୍ୟକ୍ତିଚେତନାର ପାରସ୍ପରିକ ସଂପୃକ୍ତିଗତ ପ୍ରଶ୍ନ। ଏଠି କିଏ କାହାକୁ ଦର ପଚାରେ। ଏ ସୃଷ୍ଟି ତ ଅଣାକ୍ଷର। ଅକ୍ଷର ରହିତ। ଏଠି ଯେତେବେଳେ ଅଣଚାଶ ବହେ ସେତେବେଳେ ପ୍ରଳୟ ସୃଷ୍ଟି ହୁଏ। ଯେତେବେଳେ ମହାକାଳ ରୂପକ ମୃତ୍ୟୁ ଆସେ ସେତେବେଳେ ସବୁକିଛି ନିଶ୍ଚିହ୍ନ ହୋଇଯାଏ। ତଥାପି ଆମ ମଧ୍ୟରେ ତଥାକଥିତ ଅଜସ୍ର ସାହୁକାରମାନଙ୍କର ଶୋଷଣର ବିଭୀଷିକା। ସେମାନେ ନିଜ ହାତରେ ନିଜେ ନିୟମ ଗଢ଼ି ନିଜ ହାତରେ ଅନ୍ୟକୁ ଶୋଷଣ କରୁଛନ୍ତି। ଏଠାରେ 'ଶୋଷଣ' ଅର୍ଥ ମଧ୍ୟ ବାହ୍ୟାର୍ଥ ବିଶିଷ୍ଟ।

ଆଶ୍ଚର୍ଯ୍ୟର କଥା ହେଉଛି କବି କୁମାର ମହାନ୍ତିଙ୍କର ଏହି କବିତାରେ 'ସାହୁକାର' କିମ୍ବା 'ଦର' ଶବ୍ଦ ଆଭିଧାନିକ ଅର୍ଥଯୁକ୍ତ ଶବ୍ଦବିମ୍ବକୁ କେବଳ ସୂଚିତ କରୁନାହିଁ। ଆଭିଧାନିକ ଅର୍ଥବହିର୍ଭୂତ ଅନେକ ଅର୍ଥସ୍ତରୀୟ ପରିତଳକୁ ଏହି ଶବ୍ଦବିମ୍ବ ଦ୍ୱୟ ପ୍ରତୀକିତ କରୁଛି। ତେଣୁ ଏଠାରେ 'ଦର' ଶବ୍ଦ ସ୍ଥିରଅର୍ଥକୁ ବହନ କରୁନାହିଁ। ସେହିପରି 'ସାହୁକାର' ଶବ୍ଦ ମଧ୍ୟ ସ୍ଥିର ଅର୍ଥକୁ ବହନ କରୁନାହିଁ। ଏ ଶବ୍ଦଦ୍ୱୟ ଏଠାରେ ଗୋଟିଏ ସଂସ୍କୃତିରୁ, ଗୋଟିଏ ସ୍ଥାନକାଳପାତ୍ରରୁ, ଗୋଟିଏ ସଭ୍ୟତାରୁ ଆଉ ଗୋଟିଏ ସଂସ୍କୃତିକୁ, ଆଉ ଗୋଟିଏ ସଭ୍ୟତାକୁ, ଆଉ ଗୋଟିଏ ସ୍ଥାନକାଳପାତ୍ରର ପରିତଳ ମଧ୍ୟକୁ ଅନବରତ ପ୍ରକ୍ଷେପିତ ହେଉଛି। ଫଳରେ ଅର୍ଥ ବଦଳି ଯାଉଛି। ଅର୍ଥ ଅସ୍ଥିରତାଯୁକ୍ତ ହୋଇଯାଉଛି। ଫଳରେ ଅବବୋଧଗତ ଅନିଶ୍ଚିତତା ମଧ୍ୟ ଦେଖା ଦେଉଛି।

**ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ ଅବବୋଧ ବନାମ 'ମୂଲ', 'ଗୋଲାମ ଦାସ' ଓ 'ସାଧବ' ସଂକେତକର ଭାଷିକ-ଅନୁଷଙ୍ଗ:**

ଅନାମ କବିମାନେ ମଣିଷ ଭିତରୁ ମଣିଷକୁ ଆବିଷ୍କାର କରିବା ପାଇଁ ଚେଷ୍ଟା କରୁଥିଲେ। ମୂଲ୍ୟବୋଧର ପୁନରୁଦ୍ଧାର, ସଂରକ୍ଷଣ ଏବଂ ଏହାକୁ ଗଣାଭିମୁଖୀ କରିବା ପାଇଁ ପ୍ରତିବଦ୍ଧ ଥିଲେ। ବିଶେଷ କରି ଉତ୍ତର ଉପନିବେଶବାଦୀ ଭାରତୀୟ ତଥା ଉତ୍କଳୀୟ ପ୍ରେକ୍ଷାପଟରେ ଏମାନେ ସାଂସ୍କୃତିକ ସାମ୍ରାଜ୍ୟବାଦକୁ ପ୍ରତିରୋଧ କରୁଥିଲେ। ରାଜନୀତିକ କ୍ଷମତାତନ୍ତ୍ର କିପରି ମିଥ୍ୟା ଓ ପ୍ରବଞ୍ଚନା ବିସ୍ତାରପୂର୍ବକ ସାଂପ୍ରତିକ ଉପଭୋକ୍ତାବାଦୀ ବିଶ୍ୱରେ ମୂଲ୍ୟବୋଧ ବର୍ଜିତ ହୋଇଯାଇଛି, ତାହାକୁ 'ମୂଲ', 'ଗୋଲାମ ଦାସ', 'ସାଧବ' ସଂକେତକ ସମୂହର ଭାଷିକ-ଅନୁଷଙ୍ଗ ଦ୍ୱାରା ସୂଚାଇଛନ୍ତି।

ଉପଭୋକ୍ତାବାଦୀ ସଭ୍ୟତା ଓ ସଂସ୍କୃତିରେ ମଣିଷର ମୂଲ ନ ଥାଏ, ସେଠି ଜୀବନର ବି ମୂଲ ନ ଥାଏ ; କିନ୍ତୁ ଜୀବନ ଏବଂ ମଣିଷ ବହିର୍ଭୂତ ଯେଉଁ ବସ୍ତୁବିଶେଷ ତାର ମୂଲ ଅବଶ୍ୟ ଥାଏ। ଯେପରିକି "ଜମିର ମୂଲ /କୋଠାର ମୂଲ /ସୁନାର ମୂଲ ଅଛି "/ପୁଣି "ଚଉକିର ମୂଲ/ ଭେଳିକିର ମୂଲ/ ଚାମଚାର ମୂଲ ଅଛି"।

ଏଇ କବିତାରେ 'ମୂଲ' ଶବ୍ଦର ବାରମ୍ବାର ପ୍ରୟୋଗ କରାଯାଇଛି। ତା ସହିତ ଏଇ ମୂଲସର୍ବସ୍ୱ ବସ୍ତୁବାଦୀ ଜଗତରେ ଗୋଲାମ ଦାସମାନେ ଥାଆନ୍ତି ଏବଂ ତା ସହିତ ସାଧବମାନେ ମଧ୍ୟ। ଯେତେବେଳ କୃଷି ଓ କୁଟୀରଶିଳ୍ପ ସଭ୍ୟତାକୁ ଡେଇଁ ଯନ୍ତ୍ରସଭ୍ୟତା କାୟା ବିସ୍ତାର କଲା, ସେତେବେଳେ ସହରୀ ସଭ୍ୟତା ମୁଣ୍ଡ ଟେକିଲା। ବିନିମୟ ପ୍ରଥା ପରିବର୍ତ୍ତେ ମୂଲଚାଲ ଆରମ୍ଭ ହେଲା। ଗୋଲାମ ଦାସମାନେ ନିଜ ନିଜର କୋଠାବାଡ଼ି, ଘଣ୍ଟିଘାଗୁଡ଼ି, ସୁନା ଚୁଡ଼ି, ଜମିବାଡ଼ି ସବୁକୁ ସାଧବ ପାଖରେ ବନ୍ଧକ ଦେଲେ। ଗୋଲାମ ଦାସ ଚଉକିଧାରୀ ବଡ଼ବଡ଼ିଆଙ୍କ ଚେଲା ହେଲା। ଗୋଲାମ ଦାସ ସବୁ କିଛି ହରାଇ ସର୍ବସ୍ୱାନ୍ତ ହେଲା।

ଏହି କବିତାରେ 'ସାଧବ' ନାମରେ ଗୋଟିଏ ମେଟାଫର ରହିଛି, ଯିଏ ପରଖି ପରଖି ସବୁ କିଛି ମୂଲ କରେ। ସେ ବନ୍ଧକ ନିଏ, ମଣିଷ ତା ପାଖରେ ଗୋଲାମ ସାଜେ। ସାଧବ ନିଶ ଆଉଁସି ଆଉଁସି ମୂଲ ପରଖେ।

କିନ୍ତୁ ଏହି ଯେଉଁ ବିଶ୍ୱ ଯୋଉଠି ଜଗାକାଳିଆ ଚକା ଆଖି ମେଲି ସବୁକିଛି ଦେଖୁଛନ୍ତି, ସେଠି ସବୁ କିଛି ଅଢ଼େଇ ଦିନିଆ। ତେଣୁ ସଂସାରକୁ ଯିଏ ପରଖି ନପାରେ ସେ ଏଠି ତିଷ୍ଠି ପାରେ ନାହିଁ।

ମୂଲକୁ ନେଇ ଅନାମମାନଙ୍କର ଆହୁରି ଅନ୍ୟାନ୍ୟ କବିତା ଅଛି। ସେହି କବିତାଗୁଡ଼ିକରେ କେଉଁଠି କେଉଁଠି ସପନର ମୂଲ ମଧ୍ୟ ଚିତ୍ରିତ। ଏଠାରେ ଗୋଟିଏ ଶବ୍ଦ ବିଭିନ୍ନ ଅସ୍ଥିର ଅର୍ଥକୁ ସୂଚିତ କରିଛି। ସେଥିପାଇଁ ମୂଲ ଶବ୍ଦକୁ ଅନାମମାନେ ବିଭିନ୍ନ କବିତାରେ ବିଭିନ୍ନ ପ୍ରକାରର ଭାବକୁ ତଥା ଉଦ୍ଦେଶ୍ୟକୁ ବ୍ୟକ୍ତ କରିବା ପାଇଁ ଏକକାଳୀନ ମୂଲ, ଗୋଲାମ, ସାଧବ ଆଦି ଶବ୍ଦକୁ ବ୍ୟବହାର କରାଯାଇଛି। ବ୍ୟବହାର କରିଛନ୍ତି। ଶବ୍ଦ ଏବଂ ଅର୍ଥ ସ୍ତରରେ ଅଭେଦତା ନରହି ଯାଦୃଚ୍ଛିକତା ପ୍ରତିଷ୍ଠିତ ହୋଇଛି। ଫଳରେ ସାହିତ୍ୟ ଗୋଟିଏ ପରମ୍ପରାରୁ ଉଦ୍ ବର୍ତ୍ତିତ ହୋଇ ଅନ୍ୟ ଏକ ନୂଆପରମ୍ପରା ଗଢ଼ିବା ପାଇଁ ଉନ୍ମୁଖତା ଅର୍ଜନ କରିଛି ।

**ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ ଅବବୋଧ ବନାମ 'ସଙ୍କର' ସଂକେତକର ଭାଷିକ-ଅନୁଷଙ୍ଗ:**

ଅନାମ କବିମାନେ ଦ୍ୱୈତ ବ୍ୟକ୍ତିତ୍ୱ, ଦ୍ୱୈତ ନୈତିକତା , ଭଣ୍ଡ ଧର୍ମ, ଅସାମାଜିକ ସମାଜ, ବେଶ୍ୟାବାଦୀ ରାଜନୀତି, ଅଜଣା ମୂଲ୍ୟବୋଧରେ ମନୁଷ୍ୟର ମାନସିକ, ଅର୍ଥନୈତିକ, ଦୈହିକ ସମ୍ବଳହୀନତା ପ୍ରଭୃତିକୁ ପ୍ରଶ୍ନଶୀଳ ଦୃଷ୍ଟିରେ ଦେଖୁଥିଲେ। ସେମାନେ କହୁଥିଲେ ଚତୁର୍ପାଶ୍ୱରେ ଜମିଥିବା ଏବଂ କଣ୍ଠ ଅବରୋଧ କରି ବାତାବରଣରେ ମର୍ମନ୍ତୁଦ କ୍ରନ୍ଦନ ଜାତ କରାଉଥିବା ଏହି ଅସୁମାରୀ ପ୍ରଶ୍ନବାଚୀ ହିଁ ଆମର ଜନ୍ମଦାତା। ଏଇ ଧରଣର ପ୍ରଶ୍ନଶୀଳତାକୁ ଉତ୍ତରଆଧୁନିକତାବାଦରେ ସନ୍ଦେହବାଦ ବା Scepticism କୁହାଯାଏ। ଏଭଳି ସ୍ଥାନ କାଳ ପାତ୍ରଙ୍କୁ କବି କୁମାର ମହାନ୍ତି ବ୍ୟଙ୍ଗ ବିଦ୍ରୁପ କରିଛନ୍ତି। ଏହି ସନ୍ଦେହବାଦକୁ ୧୯୭୫, ଆସନ୍ତାକାଲି ପତ୍ରିକାରେ ପ୍ରକାଶିତ ଏବଂ 'ଅନାମ ବାୟାର ଗୀତ'ରେ ସଙ୍କଳିତ 'ସଙ୍କରା' ଭାଷିକ-ଅନୁଷଙ୍ଗ ଦ୍ୱାରା ପରିପ୍ରକାଶ କରିଛନ୍ତି। ଆଲୋଚ୍ୟ କବିତାରେ ସଙ୍କରା ଶବ୍ଦଟି ବହ୍ୟାର୍ଥକତାକୁ ସୂଚିତ କରାଇଛି। କବିଙ୍କ ଉକ୍ତିରେ- "ଏଠି ସବୁ ସଙ୍କରା/ତୁ ସଙ୍କରା/ ମୁଁ ସଙ୍କରା।"/ ସଙ୍କରା ପଚାରୁଛି, ସଙ୍କରା ଉତ୍ତର ଦେଉଛି। ଯେଉଁମାନେ ବାକି ରହିଗଲେ ସେମାନେ ହେଉଛନ୍ତି ବୋକା ଶଙ୍କରା। ଏଠି ଭାତ ସଙ୍କରା। ଗିନା ବି ସଙ୍କରା। ଭାତ ମାଗିଥିବା ଭୋକି ମଧ୍ୟ ସଙ୍କରା। ଭିକ ବାଣ୍ଟୁଥିବା ଦାନୀ ମଧ୍ୟ ସଙ୍କରା। ସଙ୍କରା ମାଗୁଛି। ସଙ୍କରା ଘେନୁଛି। ଯେଉଁମାନେ ରହିଗଲେ ସେମାନେ କାବା ହୋଇ ଚାହିଁ ରହିଛନ୍ତି। ସେମାନେ ମଧ୍ୟ ସଙ୍କରା। ଖବର କାଗଜରେ ଯେତେ ଉପଦେଶ ରହିଛି ସେଗୁଡ଼ିକ ମଧ୍ୟ ସଙ୍କରାମାନଙ୍କର।

ଏଇ କବିତାରେ କବି ସଙ୍କରା ଶବ୍ଦଟିକୁ ସର୍ବମୋଟ ୨୬ଥର ବ୍ୟବହାର କରିଛନ୍ତି; କିନ୍ତୁ ଏହି ଶବ୍ଦଟି ବିଭିନ୍ନ ସ୍ଥାନରେ ବହୁମୁଖୀ ଆଭିପ୍ରାୟିକ ଅର୍ଥକୁ ସୁଚିତ କରୁଛି। ଯେତେବେଳେ ଜଣେ ମଣିଷ ଚେତନ ଶକ୍ତିଯୁକ୍ତ ହୋଇ ବି ଚେତନଶକ୍ତି ରହିତ ହୋଇଯାଏ ଅର୍ଥାତ ତା ଭିତରେ ଆତ୍ମଜାଗରଣ ତଥା ଆତ୍ମବିଶ୍ୱାସ ଲୋପପାଏ, ସେତେବେଳେ ସେଭଳି ମଣିଷଙ୍କୁ କବି ସଙ୍କରା ବୋଲି କହୁଛନ୍ତି। ସେ ସଙ୍କରା କବି ହୋଇ ପାରନ୍ତି କିମ୍ବା ଅନ୍ୟମାନେ ବି ହେଇପାରନ୍ତି। ତୁ ବି ହେଇ ପରେ ମୁଁ ବି ହେଇପାରେ। ଏମିତିକି ସେଠି ଯେ ପଚାରେ ସେ ବି ସଙ୍କରା, ଯେ ଉତ୍ତର ଦିଏ ସେ ବି ସଙ୍କରା। ଯେଉଁମାନେ ବାକି ରହିଗଲେ ସେମାନେ ବି ସଙ୍କରା। ଏଠାରେ ସଙ୍କରା ଶବ୍ଦ ଗୋଟିଏ ସଂଖ୍ୟକ ଲୋକକୁ ସୂଚିତ କରୁନାହିଁ କି ଜଣେ ମଣିଷକୁ ମଧ୍ୟ ସୂଚିତ କରୁନାହିଁ। ଏଠି ସଙ୍କରାର ଅର୍ଥ ବ୍ୟକ୍ତି ବିଶେଷରେ, ସ୍ଥାନ ବିଶେଷରେ, କାଳ ବିଶେଷରେ ଭିନ୍ନ ଭିନ୍ନ। ଏଠି ବର୍ଣ୍ଣଶଙ୍କରକୁ ନେଇ ଗ୍ରାମଠାରୁ ନଗର ପର୍ଯ୍ୟନ୍ତ ସବୁଠି ରାଜନୀତି। ତେଣୁ ଏଇ ରାଜନୀତି କରୁଥିବା ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ସଙ୍କରା। ଏଠି ଖାଦ୍ୟ ପଦାର୍ଥ ମଧ୍ୟ ସଙ୍କରା। ଖାଦ୍ୟ ପଦାର୍ଥ ଯେଉଁ ପାତ୍ରରେ ଗ୍ରହଣ କରାଯାଏ ସେ ମଧ୍ୟ ସଙ୍କରା। ଭାତ ଯିଏ ମାଗୁଛି ସେ ମଧ୍ୟ ସଙ୍କରା। ଦାନ ଯିଏ ଦେଉଛି ସେ ବି ସଙ୍କରା। ତେଣୁ ଏଠି ସଙ୍କରା ମାଗୁଛି, ସଙ୍କରା ନେଉଛି। ଅର୍ଥାତ୍ ଏଇଭଳି ଏକ ନିଶ୍ଚେତନା ଆଚ୍ଛାଦିତ ପୃଥିବୀରେ; ଷଡ଼ଯନ୍ତ୍ର, ମିଛଫିସାଦ, ଭଣ୍ଡାମି, ଛଳନାଘେରା ରାଜନୀତିକ ପରିବେଶରେ ସମସ୍ତେ ସଙ୍କରା ହୋଇ ଯାଇଛନ୍ତି। ତେଣୁ ଏଠି ସଙ୍କରାର ଅର୍ଥଟି ନିର୍ଲଜ ହୋଇ ପାରେ। ସଙ୍କରାର ଅର୍ଥ ପ୍ରତିବାଦବିହୀନ ଜଣେ ବ୍ୟକ୍ତି ହୋଇପାରେ। ସଙ୍କରାର ଅର୍ଥ ଦୁର୍ନୀତି ହୋଇପାରେ। ସଙ୍କରାର ଅର୍ଥ ନାଟକୀୟତା ମଧ୍ୟ ହୋଇପାରେ। ଏଠି ଯେଉଁମାନେ ଉପଦେଶ ଦେଉଛନ୍ତି ସେମାନେ ମଧ୍ୟ ସଙ୍କରାଙ୍କର ପ୍ରତିନିଧି ବା ସେମାନେ ମଧ୍ୟ ସଙ୍କରାଙ୍କର ଅବତାର।

ତେଣୁ କବିତାରେ କୁମାର ମହାନ୍ତି କହୁଛନ୍ତି ସେଇ ସଙ୍କରାମାନେ ଅରଣା ମଇଁଷି ଭଳି ନିଷ୍ଠୁର। ଅରଣା ମଇଁଷି ଭଳି ମାରାତ୍ମକ। ତେଣୁ "ରେ ଦନେଇ! ସେ ଅରଣା ମଇଁଷି-ବ୍ୟକ୍ତିତ୍ୱର ଅଧୀଶ୍ୱର ସଙ୍କରାମାନଙ୍କ ପାଖକୁ ଯାଆନା। କାରଣ ସେ ନିଶ୍ଚୟ ଭୁଷା ମାରିବ। ଏଠି ଧର୍ମ ନାମରେ, ରାଜନୀତି ନାମରେ ମିଥ୍ୟାଚାର ଦୁର୍ନୀତି ଅହରହ ଚାଲିଛି। ମୁଖା ପିନ୍ଧି ଜିନ୍ଦାବାଦ ଜିନ୍ଦାବାଦ କରୁଥିବା ମଣିଷ ମଧ୍ୟ ସେଥିରୁ ବାଦ୍ ପଡ଼ିନି। ଏଠି ଗୋଲାମମାନେ ଦୁନିଆ ତିଆରି କରିଛନ୍ତି। ଦୁନିଆକୁ ଶାସନ ମଧ୍ୟ କରୁଛନ୍ତି। ସେଥିପାଇଁ କୁମାର ମହାନ୍ତି ସଙ୍କରାମାନଙ୍କୁ ସନ୍ଦେହାତ୍ମକ ଦୃଷ୍ଟିରେ ଦେଖିଛନ୍ତି।

କବିତାର ଶେଷ ଭାଗରେ ବୈୟକ୍ତିକ ଅନ୍ତର୍ଚେତନାରୁ ସଙ୍କରାତ୍ୱକୁ ବିଦା କରିଦେବା ପାଇଁ ପରାମର୍ଶ ଦେଇଛନ୍ତି (ମନ ଗହିରାରୁ ଟିକିଏ ଶଙ୍କରାକୁ କାଢ଼ିଦେ"। ନିର୍ବେଦ , ନିସ୍ତେଜ୍ , ଚେଇଁଶୁଆ ହୋଇ ସଙ୍କରା ସାଜିବାକୁ କବି ବିରୋଧ କରିଛନ୍ତି। କାରଣ ଏହି ସଙ୍କରାତ୍ୱ ସମସ୍ତ ପ୍ରଗତିର ବାଧକ ହୋଇ ଛିଡ଼ା ହେଉଛି। ଏହି ସଙ୍କରାତ୍ୱ ବ୍ୟକ୍ତିସତ୍ତା ମଧ୍ୟରୁ ନିଶ୍ଚିହ୍ନ ନହେବା ଯାଏଁ, ଜଣେ ଏ ଦୁନିଆକୁ ଭଲ ପାଇ ପାରିବ ନାହିଁ। ଏ ଦୁନିଆ ପ୍ରତି ଶ୍ରଦ୍ଧାଶୀଳ ହୋଇ ପାରିବ ନାହିଁ ।

ଏ ଦୁନିଆ ହେଉଛି ବଳିଆର ଭୁଜଙ୍କର। ଏ ଦୁନିଆର ପ୍ରତ୍ୟେକ ସନ୍ତାନ ତାଙ୍କର। ପ୍ରତ୍ୟେକ ମଣିଷ ହେଉଛି ପରସ୍ପର ପରସ୍ପରର ବନ୍ଧୁ। ("ତୁ ମିତ କୁ ମୁଁ ମିତ/ ମିଳିମିଶି ଆମେ ଗାଇବା ଗୀତ"।)। ସେଇ ବଳିଆର ଭୁଜଙ୍କର ହାତଗଢ଼ା ଏହି ସୁନ୍ଦର ପୃଥିବୀରେ ପୁଣି ସଙ୍କରାମାନେ ଆସି ଯଦି ଭଗବତ୍ ବିରୋଧୀ କାର୍ଯ୍ୟ କରନ୍ତି ତେବେ କବି କହୁଛନ୍ତି 'ସଙ୍କରା ଆସିଲେ ମାର୍ ନାତ, ହୁଅ ଓଡ଼ିଆର /ମାଡ଼ି ଆସୁଛି ପଟୁଆର / କୁମର ସଲାମ କର/ କୁମର ସଲାମ କର୍''।

କୁମାର ମହାନ୍ତି ସଙ୍କରା ଶବ୍ଦକୁ ବାରମ୍ବାର ବ୍ୟବହାର କରି ବିଦ୍ରୋହର ସ୍ୱର ଅନୁରଣିତ କରିଛନ୍ତି। ଗାଣତାନ୍ତ୍ରିକ ପାତ୍ରମନ୍ତ୍ରୀ କଟୁଆଳବର୍ଗଙ୍କୁ ପ୍ରଶ୍ନ ବାଣରେ ଜର୍ଜରିତ କରି ପକାଇଛନ୍ତି। ଏମିତିକି ଗୀର୍ଜା, ମନ୍ଦିର, ମସଜିଦ ମଧ୍ୟରେ ତଥାକଥିତ ଧର୍ମଧ୍ୱଜୀମାନଙ୍କର ଯେଉଁ ନିରଙ୍କୁଶ ଆଧିପତ୍ୟ ଚାଲିଛି ତାକୁ ମଧ୍ୟ ଛାଡ଼ି ନାହାନ୍ତି। ସାଧୁ ଏବଂ ଚୋରସତ୍ତାଧାରୀ ବ୍ୟକ୍ତିଟି ସମାଜ ଦାୟରେ କେମିତି ସାଧୁ ଏବଂ ନିଜ ଦାୟରେ କେମିତି ଚୋର ପାଲଟି ଯାଏ ସେକଥାକୁ ମଧ୍ୟ ସେ ଦର୍ଶାଇଛନ୍ତି। ଆଲୋଚ୍ୟ କବିତାରେ ସଙ୍କରା ଶବ୍ଦଟିକୁ ଯେଉଁ ଭଳି ଭାବରେ କବି ଅର୍ଥସ୍ତରୀୟ ଅନିଶ୍ଚୟତାଯୁକ୍ତ ଆୟୁଧ ରୂପେ ଗ୍ରହଣ କରି କବିତା ରଚନା କରିଛନ୍ତି, ତଦ୍ୱାରା କବିତାର ଉଭୟ ବହିର୍ବୟନ

ଓ ଅନ୍ତର୍ବୟନ ଚମତ୍କାରିତା ହାସଲ କରିଛି ।

**ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ ଅବବୋଧ ବନାମ 'ଅନ୍ଧାର' ସଂକେତକର ଭାଷିକ-ଅନୁଷଙ୍ଗ:**

'ଅନ୍ଧାର' ଭାଷିକ-ଅନୁଷଙ୍ଗକୁ ନେଇ ଅନାମ କବିମାନେ ବିଭିନ୍ନ ପ୍ରକାରର ପରୀକ୍ଷାନିରୀକ୍ଷା କରିଛନ୍ତି। ବେଳେ ବେଳେ ଅନ୍ଧାର ବୋଲି ଯେ ଏ ବିଶ୍ୱ ବ୍ରହ୍ମାଣ୍ଡରେ କିଛି ନାହିଁ ସେକଥା ମଧ ସେମାନେ କହିବା ପାଇଁ ଚେଷ୍ଟା କରିଛନ୍ତି। 'ଅନାମ ବାୟାର ଗୀତ' ସଙ୍କଳନର ଚତୁର୍ଥ ଅଧ୍ୟାୟରେ ଯେଉଁ କବିତାଟି ରହିଛି ସେଥିରେ କୁମାର ମହାନ୍ତି ଅତ୍ୟନ୍ତ ଅପୂର୍ବ ଢଙ୍ଗରେ ବିଜ୍ଞାନ ଓ ସାହିତ୍ୟକୁ ସମନ୍ୱିତ କରିଛନ୍ତି। ଏହି କବିତାର ପ୍ରଥମ ଭାଗରେ ଯେଉଁ "ଅନ୍ଧକାର କଳା କଳା/ ଅଲୌକିକ ରହସ୍ୟ ମେଖଳା"ର ପ୍ରସଙ୍ଗ କବି ଉତ୍ଥାପନ କରିଛନ୍ତି, ତାହା ସେହି ବିଶ୍ୱବ୍ରହ୍ମାଣ୍ଡତତ୍ତ୍ୱ ବା ମହାଜାଗତିକ ପ୍ରକ୍ରିୟାର ରହାସ୍ୟାତ୍ମକ ଅଂଶବିଶେଷ। ଯାହା ଏବେ ମଧ ଅନାବିଷ୍କୃତ। ଯାହା ଏବେ ମଧ ନଭୋବିଦ୍ୟା ବିଶେଷଜ୍ଞମାନଙ୍କର ମାନସବାଙ୍ ଅଗୋଚର। ଅର୍ଥାତ୍ ସେମାନଙ୍କର ବୁଦ୍ଧିଗତ ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣର ବହିର୍ଭୂତ। ଭାରତୀୟ ଜ୍ଞାନପରମ୍ପରାରେ ଯେଉଁ ଅଧ୍ୟାତ୍ମ୍ୟବାଦର କଥା କୁହାଯାଏ, ଯେଉଁଠି "ସତ୍ୟ ଯେ ରହସ୍ୟ" ପୁଣି "ରହସ୍ୟ ଯେ ଅନ୍ଧକାର" ବୋଲି କୁହାଯାଏ, ଯେଉଁଠି "ତମସରୁ ଜ୍ୟୋତିଃ" ର ଆଡ଼କୁ ଯାତ୍ରା କରିବାପାଇଁ ଉଦବୋଧିତ କରାଯାଏ, ସେଇଠି କବି କୁମାର ମହାନ୍ତିଙ୍କ ବ୍ୟାଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ସାଦୃଶ୍ୟସୂଚକ ସମାନ୍ତରତା ସୃଷ୍ଟି କରିଛି। ତାଙ୍କ ଉକ୍ତିରେ 'ମୁଁ ଭାସୁଛି ଅନ୍ଧାର ଭିତରେ/ ଅନ୍ଧକାର ଛୁଇଁ ପାରୁନାହିଁ/ ଅନ୍ଧାର ମୋ ଭିତରେ ବାହାରେ/ ଆପେ କିନ୍ତୁ ବୁଝି ପାରୁନାହିଁ ।' (ଅନାମ ବାୟାର ଗୀତ: ଚତୁର୍ଥ ଅଧ୍ୟାୟ)

ଅନ୍ୟ ଏକ କବିତାରେ କବି 'ଅନ୍ଧାର' ଶବ୍ଦକୁ ବାରମ୍ବାର ପ୍ରୟୋଗ କରି ଏକ ପାରମ୍ପରିକ ବ୍ୟାଖ୍ୟା ବହିର୍ଭୂତ ଭାଷିକଅନୁଷଂଗକୁ ସମ୍ମୁଖିକୃତ କରିଛନ୍ତି। ଯେପରିକି "ଗହଳିଆ ଅନ୍ଧକାରକୁ ମୁଁ ଚୁମ୍ବିଲି ଅକସ୍ମାତ/ ତାପରେ ଅନ୍ଧାର ବହୁଛି ମୋର ଶିରା ପ୍ରଶିରରେ/ ମୁଁ ଖୋଜୁଛି/ କାହାକୁ ଖୋଜୁଛି କିନ୍ତୁ ନିଜେ ମୁଁ ଜାଣିନି/ ମୁଁ ଶୁଣୁଛି କଣ୍ଠ ସ୍ୱର-କିନ୍ତୁ ତାର ରୂପ ମୁଁ ଦେଖିନି/ ଏ ଅନ୍ଧାର ଭିତରେ ତାର କାହିଁ ଦେହ?/ ଅନ୍ଧାର ତ ମୋ ଭିତରେ ନିଜେ ସେ ଭରୁଛି/ ମୁଁ ହେଇଛି ଅନ୍ଧାରର ଅଣୁ.... ଅନ୍ଧାର!

ଏଠାରେ ଯେଉଁ ଅନ୍ଧାରର ପ୍ରସଙ୍ଗ କବି କୁମାର ମହାନ୍ତି ଆଣିଛନ୍ତି ସେ ଅନ୍ଧାର ହେଉଛି ପରମଙ୍କର ନିତ୍ୟସ୍ପନ୍ଦନ। ତାକୁ କବି ଖୋଜୁଛନ୍ତି। ଯେଉଁ ଅନ୍ଧାରକୁ କେବେ ବ୍ୟାଖ୍ୟା କରିହୁଏ ନାହିଁ, ଯେଉଁ ଅନ୍ଧାରକୁ ବୈଜ୍ଞାନିକମାନେ dark matter ବୋଲି କହିଛନ୍ତି, ଯେଉଁ ଅନ୍ଧାର ମଧ୍ୟରୁ ଏହି ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି, ଯାହାକୁ ଏପର୍ଯ୍ୟନ୍ତ ବିଜ୍ଞାନ ଚିହ୍ନଟ କରି ପାରି ନାହିଁ -ସେହି ଅନ୍ଧାରର କଥା ଏଠି କୁହାଯାଇଛି। ସେହି ଅନ୍ଧାରକୁ ଅର୍ଥାତ୍ ସେହି ପରମ ଦିବ୍ୟ ଚେତନାକୁ କବି ପ୍ରଥମେ ଚୁମ୍ବନ କରୁଛନ୍ତି ଏବଂ ପରମଙ୍କର ସେହି ଅନ୍ଧାର ଚେତନା କବିଙ୍କର ଶିରା ପ୍ରଶିରାରେ ସଂଚରି ଯାଇଛି। ତେଣୁ ଏଠି କବି ହୋଇଯାଇଛନ୍ତି ପରମ ବା ବ୍ରହ୍ମଙ୍କର ଏକ ଚେତନା। କବି କିନ୍ତୁ ଏହି ତେଲଲୁଣ ଭରା ପୃଥିବୀରେ ଇନ୍ଦ୍ରିୟଗତ ଅବବୋଧ ଦ୍ୱାରା ପରିଚାଳିତ ହେଉଥିବାରୁ ସେ ଅନ୍ଧାରର ଦେହକୁ ଦେଖି ପାରୁନାହାନ୍ତି। ଏଠାରେ ଅନ୍ଧାର ହେଉଛି ଏକ ରମସ୍ୟମୟତାର ପ୍ରତୀକ; କିନ୍ତୁ ସେହି ରହସ୍ୟମୟ ଅନ୍ଧାର-ଚେତନାକୁ କବି ନିଜ ଭିତରେ ଅନୁଭବ କରି ପାରୁଛନ୍ତି। ଏବଂ ସେ କହିଛନ୍ତି ମୁଁ ସେହି ଅନ୍ଧାରର ଅଣୁ ଭାବରେ ଅନ୍ଧାରର manifestation ବା ପ୍ରକାଶ ଭାବରେ ଏହି ପୃଥିବୀରେ ଜନ୍ମ ନେଇଛି। ତେଣୁ କବି କୌଣସି ଧର୍ମଧ୍ୱଜୀ ମାଧ୍ୟମରେ କିମ୍ବା କୌଣସି ବଡ଼ପଣ୍ଡା ମାଧ୍ୟମରେ କିମ୍ବା କୌଣସି ଗୁମାସ୍ତା ମାଧ୍ୟମରେ ସେହି ଅନ୍ଧାରକୁ ଅନ୍ୱେଷଣ କରିବାକୁ ଇଚ୍ଛୁକ ନୁହନ୍ତି। ସେ କୌଣସି ଆଜ୍ଞାରେ କିମ୍ବା ନିଶାସକ୍ତ ଅବସ୍ଥାରେ ସେ ଅନ୍ଧାରକୁ ଆବିଷ୍କାର କରିବାକୁ ଚାହୁଁ ନାହାନ୍ତି। ସେ ନିଜ ଭିତରେ ସେହି "ନୟନଂ ମଧୁରଂ /ବଚନଂ ମଧୁରଂ /ଚରିତଂ ମଧୁରଂ /ହସିତଂ ମଧୁରଂ" ପରମ ଅନ୍ଧାରକୁ ଉପଲବ୍ଧି କରିବାକୁ ଆସ୍ପୃହା କରୁଛନ୍ତି। ସେ ସେହି ଅନ୍ଧାରର ପ୍ରେୟସୀ ରାଧା ହେବା ପାଇଁ ଇଚ୍ଛୁକ। ଅସୁମାରୀ ବାଧାର ଅର୍ଗଳକୁ ଭାଙ୍ଗି ଦେଇ ସେହି ପରମଙ୍କ ଉଦ୍ଦେଶ୍ୟରେ ସେ ପୂର୍ଣ୍ଣାହୁତି ଦେବାପାଇଁ ପ୍ରୟାସରତ। ସେହି ଦାରୁଭୂତ ମୁରାରୀ ଯାହାଙ୍କର ହାତଗୋଡ଼ ନାହିଁ; ଉଠାପଡ଼ା କିଛି ବି ନାହିଁ; ଯିଏ ହେଉଛନ୍ତି କାଳିଆ; ଏ ଜଗତର ନାଥ; ଯିଏ ସମସ୍ତ ରୂପରସଗନ୍ଧର ଉର୍ଦ୍ଧ୍ୱରେ; ଯିଏ ସମସ୍ତ ରୂପରସଗନ୍ଧର ସ୍ରଷ୍ଟା; ଯିଏ ତ୍ରିପଣ୍ଡ କଳା; ଯିଏ କଳାଠାକୁର; ଯିଏ ବଳିଆର ଭୁଜ; ଯିଏ କଳାମେଘ ଭଳି ସୁନ୍ଦର,; ଯିଏ କାଳିଆ ହାତୀ... ସେ ହିଁ ସେହି ଅନ୍ଧାରର ଦେବତା। ସେହି ଅନ୍ଧାରର ଅବତାର। ସେହି ଅନ୍ଧାରର ଅନନ୍ତ ଗନ୍ତାଘର -ସେହିଦିବ୍ୟ ଅନ୍ଧାରକୁ କବି ଅନୁଭବ କରିପାରୁଛନ୍ତି ତାଙ୍କ ଅନ୍ତରରେ। ସେ ମହାକାଳ। ସେ ପ୍ରଳୟ। ସେ କଳ୍କୀ। ଯିଏ ଛଳନାର ମୁଖା ପିନ୍ଧି ମିଥ୍ୟାସମ୍ପର୍କର ସେତୁ ବାନ୍ଧି ଏ ପୃଥିବୀରେ ରାବଣସାମ୍ରାଜ୍ୟ ବିସ୍ତାର କରିବାକୁ ଚାହୁଁଛି ସେଇ ଅନ୍ଧାର ତାକୁ ଉପଯୁକ୍ତ ଶାସ୍ତି ଦେବେ। ଆଉ ଯିଏ ପୂର୍ଣ୍ଣପ୍ରାଣରେ ସମର୍ପିତ ହୋଇ ସେ ଅନ୍ଧାରକୁ ନିଜ ଭିତରେ ଉପଲବ୍ଧି କରିପାରୁଛି; ନୈର୍ବେକ୍ତିକତାର ଉର୍ଦ୍ଧ୍ୱରେ ବିଚରି ପାରୁଛି। ସେ ଅନ୍ଧାରକୁ ନିଜ ଭିତରେ ଠାବ କରିପାରୁଛି ସେହିଁ ସେ ଅନ୍ଧାରଙ୍କର ସନ୍ତାନ ଭାବରେ ପରମଙ୍କର ଅଜସ୍ର ଆଶୀର୍ବାଦର ପାତ୍ର ହେବ। ଏ କବିତାରେ ଅତି ଚମତ୍କାର ଭଙ୍ଗୀରେ କବି ଅନ୍ଧାରକୁ ବିଭିନ୍ନ ସ୍ଥାନକାଳପାତ୍ରରେ ସ୍ଥାପନ କରି ତନ୍ମଧ୍ୟରେ ପରମ ଆଲୋକର ସମସ୍ତ ସମ୍ଭାବନା ରହିଥିବାର ଦୃଷ୍ଟାନ୍ତ ପ୍ରଦାନ କରିଛନ୍ତି ।

ଅନାମ କବି ନାରାୟଣ ପ୍ରସାଦ ସିଂଙ୍କର ଅନ୍ଧାରକୁ ନେଇ ଏକ ଚମତ୍କାର କବିତା ରହିଛି ଯେଉଁ କବିତା ପାଇଁ ତାଙ୍କୁ ରାଡ଼ିକାଲ ଅନାମ ଭାବରେ ସମ୍ବୋଧନ କରାଯାଏ। କବିତା ଟି ଏହିପରି- "ଆଲୁଅକୁ ପଛକରି ଅନ୍ଧାରର ଆଇନାରେ ମୁଁ ଦେଖି କି : ମୋ ବୋଉ ଶୋଇଛି/ ମୋ ବାପାଙ୍କ ବନ୍ଧୁଙ୍କ କୋଳରେ/ ଯିଏ ମୋତେ ମୋ ଯୌବନ ପ୍ରାପ୍ତି ଦିନ କହିଥିଲା: ଆରେ ବାପା ! ମାଡ଼ିବୁନି ପର ସ୍ତ୍ରୀ ଛାଇ -/ ବାହା ହୋଇ ମୋ ଭଉଣୀ

ବିଦା ହେବା ବେଳେ କହିଥିଲା:/ ମୋ ଧନ ଲୋ ! ସ୍ୱାମୀ ଛଡ଼ା ଚାହିଁବୁନି ପର ପୁରୁଷରେ।"

ଏଠାରେ ଅନ୍ଧାର ଭାଷିକ ଅନୁଷଙ୍ଗଟି ଜଣେ ନାରୀର ବାହ୍ୟ ବ୍ୟକ୍ତିତ୍ୱର ବହିର୍ଭୂତ ଏକ ଅବଚେତନ ସର୍ବସ୍ୱ ବ୍ୟକ୍ତିତ୍ୱକୁ ସୂଚାଉଛି। ଏଇ ଅବଚେତନ ରୂପକ ଅନ୍ଧାରୀ ମୁଲକର ପ୍ରତିଫଳନ ତାର ବାହ୍ୟ ବ୍ୟକ୍ତିତ୍ୱଠାରୁ ଭିନ୍ନ ନୁହେଁ ।

ସେହିପରି ଅନାମ କବି ଉଦୟ ଦାସ ତାଙ୍କର ଅନାମ ୧ ଅପ୍ରେଲ, ୧୯୬୯ ସଂଖ୍ୟାରେ ପ୍ରକାଶିତ ଗୋଟିଏ କବିତାରେ "ଏଠା ସାହି /ଗଳିମାନଙ୍କରେ କିନ୍ତୁ/ ଉଡୁଛନ୍ତି କେତେ ବାଜ ପକ୍ଷୀ/ ବେଢ଼ା କରି ମନ୍ଦିରର ଦଧିନଉତିକୁ/ ଝାମ୍ପିବା ଆଶାରେ ସେ କପୋତ /ସୁଯୋଗର ମୁହଁ ଅନ୍ଧାରରେ"। ଏଠି ମୁହଁ ଅନ୍ଧାରର ଅର୍ଥ ହେଉଛି ସାମାନ୍ୟ ଲୋକଲୋଚନର ଅନ୍ତରାଳରେ। ଏ କବିତାରେ ପୁରୀ ସହରର ଚିତ୍ର ରହିଛି। ମନ୍ଦିରର ଦଧନଉତିର ଚିତ୍ର ରହିଛି। ବାଜ ପକ୍ଷୀ କିପରି ନିରୀହ କପୋତମାନଙ୍କୁ ସୁଯୋଗ ପାଇଲେ ଝାଂପି ନିଏ, ତାର ଚିତ୍ର ମଧ ଏହି କବିତାରେ ପ୍ରଦତ୍ତ ।

ଅନାମ କବି ହରିହର ମିଶ୍ରଙ୍କର ଅନାମ ୪: ନଭେମ୍ବର ୧୯୬୯ ସଂଖ୍ୟାରେ ଅନ୍ଧାରକୁ ନେଇ ନିମ୍ନୋକ୍ତ ପ୍ରକାରେ ଗୋଟିଏ ପଦ ସଂଯୋଜିତ। ଯଥା- "ବୀଭତ୍ସ ଓ କଦାକାର ଅନ୍ଧାର ମୁଁ /ଗର୍ଭବତୀ କରିଦିଏ/ ପରବର୍ତ୍ତୀ ସମସ୍ତ ସକାଳ"। ଏଠାରେ ବ୍ୟକ୍ତି ଚେତନାର ସ୍ତୁପିକୃତ ବିଭତ୍ସ ଓ କଦାକାର ଆଦିମ ଚେତନାକୁ ଅନ୍ଧାର ବୋଲି କୁହାଯାଇଛି ।

ଅନାମ କବି ଗୋପାଳ କୃଷ୍ଣ ରଥଙ୍କର ଅନାମ ୧୧: ଅପ୍ରେଲ ୧୯୭୫ ସଂଖ୍ୟାରେ ଗୋଟିଏ କବିତା ରହିଛି ସେହି କବିତାରେ ଅନ୍ଧକାରକୁ ବର୍ବରତାର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ଯଥା - "ଏଇଠି ଏ ସହରର ରାସ୍ତାରେ/ ବିବେକର ହାଡ଼ସବୁ ଚୁନା ହେବା ବେଳେ/ କି ନିଷ୍ଠୁର ଅନ୍ଧକାର/ ଆଁ କରେ।"

କବିତାର ଶେଷ ଭାଗରେ "ଅନ୍ଧାରରୁ ଆଲୋକକୁ ଚାଲିବା ପ୍ରୟାସ" ପଙ୍କ୍ତିରେ ନିମ୍ନତର ଚେତନାର ପ୍ରତୀକ ରୂପେ ଅନ୍ଧକାରକୁ ଗ୍ରହଣ କରାଯାଇଛି ଏବଂ ତାଙ୍କ ମତରେ ଏହି ନିମ୍ନତର ଚେତନାରୁ ଯଦି ଉଚ୍ଚତର ଆଲୋକ ଚେତନା ଆଡ଼କୁ ଚାଲିବା ପାଇଁ ପ୍ରୟାସ କରାଯାଏ ତେବେ ସବୁକିଛି ସଙ୍କଟ, ଦୁରାଚାର ଏ ପୃଥିବୀରୁ ଦୂର ହେବ ।

ଅନାମ କବି ମିହିର କୁମାର ମହାନ୍ତିଙ୍କର ଅଗଷ୍ଟ ୧୯୮୪ରେ ନବରବିରେ ଏକ ବିନ୍ଦୁ ଚିହ୍ନିତ କବିତାରେ ସେହିପରି ଅନ୍ଧାର ଶବ୍ଦର ପ୍ରୟୋଗ ହୋଇଛି। ଯଥା :"ଉପରେ ଅନନ୍ତ ନଭ/ ବିସ୍ତୃତ ଦିଗହୀନ ଶୂନ୍ୟତା/ ପରସ୍ତ ପରସ୍ତ ନୀଳ/ କୁହୁଡ଼ିର ଘଂଚ କୁଟିଳତା/ ତଳେ ମୋର ଅନେକ ଅନ୍ଧାର।"

ଏ ଅନ୍ଧାର ହେଉଛି ବ୍ୟକ୍ତି ସତ୍ତାର ଅତୃପ୍ତିର ଅନ୍ଧାର କିମ୍ବା ଅଜ୍ଞାନତାର ଅନ୍ଧାର କିମ୍ବା ନିର୍ବେଦତାର ଅନ୍ଧାର ।

ନଅନ୍ଧାର-ଭାଷିକ ଅନୁଷଙ୍ଗକୁ ନେଇ ଅନାମ କବିମାନେ ବିଭିନ୍ନ ପ୍ରକାରର ପ୍ରୟୋଗ ଏବଂ ପରୀକ୍ଷାନିରୀକ୍ଷା କରିଛନ୍ତି। ଅନ୍ଧାରର ବିଭିନ୍ନ ଅର୍ଥ ସେହି ପ୍ରୟୋଗ ଓ ପରୀକ୍ଷାନିରୀକ୍ଷା ମାଧମରେ ପରିବେଷିତ ହୋଇଛି। ବିଶେଷ କରି କୁମାର ମହାନ୍ତି ଅନାମର ପ୍ରକୃତ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଯେହେତୁ ସଚେତନ ଭାବରେ ସଚେତନ ଥିଲେ ତେଣୁ ସେ ଅନ୍ଧାରକୁ ନେଇ ଯେଉଁ ଭଳି ଭାବରେ ପରୀକ୍ଷା ଏବଂ ପ୍ରୟୋଗ କରିଛନ୍ତି ତାହା ଅନ୍ୟ ଅନାମ କବିଙ୍କ ତୁଳନାରେ ସ୍ୱତନ୍ତ୍ର ମନେହୁଏ। ତେବେ ଅନାମ କବିତାଗୁଡ଼ିକରେ 'ଅନ୍ଧାର' ଶବ୍ଦର ପ୍ରୟୋଗ, 'ଅନ୍ଧାର' ଶବ୍ଦର ଅର୍ଥ ଅସ୍ଥିରତାଯୁକ୍ତ। ଏଠାରେ ପାରମ୍ପରିକ ଭାଷାଚର୍ଚ୍ଚାରେ ଯେପରି ଶବ୍ଦ ଏବଂ ଅର୍ଥର ସମ୍ପର୍କକୁ ଅଭେଦ ଓ ଅନ୍ତର୍ନିହିତ ବୋଲି କୁହାଯାଏ, ତାହା ନାହିଁ। ଏଠାରେ ଯେତେଥର ଅନ୍ଧାର ଶବ୍ଦର ପ୍ରୟୋଗ କରାଯାଇଛି ସେତେଥର ଭିନ୍ନ ଭିନ୍ନ ପ୍ରକାରର ଅବବୋଧଗତ ଅନିଶ୍ଚିତତା ସୃଷ୍ଟି ହୋଇଛି। ତେଣୁ ପାରମ୍ପରିକ ଦୃଷ୍ଟିରୁ ଅନ୍ଧାର ଶବ୍ଦର ଅବବୋଧସ୍ତରୀୟ ନିଶ୍ଚିତତା ଏଠି ନାହିଁ। ସେଥିପାଇଁ ଅନ୍ଧାର ଶବ୍ଦର ଏଠି ବହୁମୁଖୀ ଅର୍ଥାନ୍ୱୟତା ପ୍ରଦର୍ଶିତ ହୋଇଛି ।

**ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ ଅବବୋଧ ବନାମ 'ଭଲ' ସଂକେତକର ଭାଷିକ-ଅନୁଷଙ୍ଗ:**

ଅନାମ-୧୧, ଏପ୍ରିଲ ୧୯୭୫ରେ ଉତ୍ତରଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ମେରିଖୁଣ୍ଟ କହ୍ନେଇଲାଲ ଦାସଙ୍କର ଗୋଟିଏ ବିନ୍ଦୁ ଚିହ୍ନିତ କବିତା ରହିଛି। ଏଇ କବିତାରେ 'ଭଲ' ଶବ୍ଦର ବହ୍ୱାର୍ଥକତା ରୂପାୟିତ। କବିତାର ଅଧିକାଂଶ ଶବ୍ଦ ସଂଯୋଜନାରେ ସେ 'ଭଲ' ଶବ୍ଦଟିକୁ ଚୟନ କରି ବିଭିନ୍ନ ଭାବପୂର୍ଣ୍ଣ ମାନସରେ ପ୍ରୟୋଗ କରିଛନ୍ତି। ଉଦାହରଣ ସ୍ୱରୂପ, "ଭଲରେ ଭଲ। ଭଲରେ ଭଲ,/ କେବଳ ଭଲ, ପାଇବା ଭଲ/ ଭଲରେ ଭେଲ/ଭେଲରେ ଭଲ ଏଇଠି ଭଲ। ସେଇଠି ଭେଲ /ସେଇଠି ଭଲ, ଏଇଠି ଭେଲ /ସବୁଠି ଭଲ ସବୁଠି ଭେଲ/ ସବୁଠୁ ଭଲ ପାଇବା ଭଲ/ତୋଅର ଭଲ ମୋଅର ଭଲ/ ଯାଉ ତୁଚ୍ଛକୁ ଭେଲରେ ଭେଲ ।" କିମ୍ବା "ପାଇବା ପାଇବା ସବୁ ପାଇବା ଭଲ ପାଇବା/ ପାଇବୁ ଭଲ ଚାହାଁରେ ତୋତେ" କିମ୍ବା "ପାଇଲେ ଭଲ, ସବୁ ପାଇବା ।/ ସବୁ ପାଇବା ସବୁ ପାଇବା ସବୁ ପାଇବା" ଇତ୍ୟାଦି ।

ଏ କବିତାରେ ସର୍ବମୋଟ ୩୧ ଥର 'ଭଲ' ଶବ୍ଦର ପ୍ରୟୋଗ ହୋଇଛି। ଏଠାରେ ଭଲ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ 'ଭେଲ'ର ମଧ ପ୍ରୟୋଗ ହୋଇଛି। ଏହାର ଅର୍ଥ ହେଉଛି 'ମନ୍ଦ'।

ଏ ପୃଥିବୀରେ ମଣିଷ ଭଲ ଓ ମନ୍ଦ ମଧରେ ଏକ ଦ୍ୱିପାର୍ଶ୍ୱିକୀ ପାର୍ଥକ୍ୟ ସୃଷ୍ଟି କରିଛି। କିନ୍ତୁ କବିଙ୍କ ମତରେ ଯାହା କିଛି ପ୍ରାକୃତିକ, ତାହା ମନ୍ଦ ନୁହେଁ। ଯେଉଁ ମଣିଷ ଆଧିପତ୍ୟ ବିସ୍ତାର କରିଛି, ସେ ହିଁ ଭଲ-ମନ୍ଦ, ଆଲୋକ-ଅନ୍ଧାର, ପାପ-ପୁଣ୍ୟ ଭଳି ପାର୍ଥକ୍ୟ ସୃଷ୍ଟି କରିଛି। ଏ ପୃଥିବୀରେ ଯାହା କିଛି ସହଜାତ ଓ ପୃଥିବୀଜ ତାହା ଆଦୌ ଖରାପ ନୁହେଁ। ତେଣୁ ସ୍ଥାନ, କାଳ ଏବଂ ପାତ୍ର ଅନୁସାରେ ଭଲ ଓ ମନ୍ଦ ପରିବର୍ତ୍ତିତ ହେଇଯାଏ। ତେବେ ଯେଉଁ ମଣିଷ ଏ ପୃଥିବୀରେ ଆଧିପତ୍ୟ ବିସ୍ତାର କରିଛି ସେ ହିଁ ଭଲମନ୍ଦର ପ୍ରାଚୀର ନିର୍ମାଣ କରିଥାଏ।

ସେ ହିଁ ଆଲୋକଅନ୍ଧାରର ପ୍ରାଚୀର ନିର୍ମାଣ କରିଥାଏ। ସେ ହିଁ ପାପପୁଣ୍ୟର ପ୍ରାଚୀର ନିର୍ମାଣ କରିଥାଏ ।

କବିଙ୍କ ମତରେ ଯଦି ମଣିଷ ଜୀବନର ସର୍ବୋତ୍ତମ ଲକ୍ଷ୍ୟ ନିଜକୁ ଭଲ ପାଇବା ହୁଏ, ଅର୍ଥାତ "ତୋର ଭଲ ମୋର ଭଲ"କୁ ସମାନ୍ତରାଳ ଦୃଷ୍ଟିରେ ବିଚାର କରାଯାଏ, ତେବେ ଏ ଭଲ ବା ଏ ମନ୍ଦ ଆଉ ରହିବ ନାହିଁ।

କବି କହ୍ନେଇଲାଲ ଦାସ ଏ କବିତାରେ ମଣିଷର ଚାହିଦାକୁ ପ୍ରକାଶ କରିଛନ୍ତି। ତାଙ୍କ ମତରେ ମଣିଷ ଯାହା ଚାହେଁ, ତାହା ପାଏ ନାହିଁ। ବେଳେ ବେଳେ ମଣିଷ ଯାହା ପାଇଯାଏ, ତାକୁ ପୁଣି ପରବର୍ତ୍ତୀ ମୁହୂର୍ତ୍ତରେ ଚାହେଁ ନାହିଁ। ତେଣୁ ଏଠି ଜଣେ ଯେତେବେଳେ ଚାହୁଁଛି ଭଲ ପାଇବା ପାଇଁ ଆଉ ଜଣେ ପୁଣି ପାଉଛି ଚାହିଁବା ପାଇଁ। ତେଣୁ ଯେଉଁଠି ଚାହିଁବା ରହିଛି, ସେଇଠି ପୁଣି ପାଇବାର ଆରମ୍ଭ। ଯେଉଁଠି ପୁଣି ପାଇବାର ଶେଷ ହେଇଯାଉଛି, ସେଠି ଚାହିଁବାର ଆରମ୍ଭ ହେଇଯାଉଛି। ଏ ହେଉଛି ଗୋଟେ ପ୍ରକାର ଲୁଚକାଳି ଖେଳ ।

ତେଣୁ କବି ପ୍ରତ୍ୟେକ ବ୍ୟକ୍ତିସତ୍ତାକୁ ଅନ୍ତରଚେତନା ମଧ୍ୟରେ ବାସ କରିବାକୁ କହୁଛନ୍ତି। ପ୍ରତ୍ୟେକ ମଣିଷ ଯେତେବେଳେ ନିଜକୁ ଭଲ ପାଇବ, ନିଜକୁ ଚାହିଁବ, ନିଜକୁ ବୁଝିପାରିବ, ନିଜକୁ ବୋଧ କରିପାରିବ, ସେତେବେଳେ ସେ ଅନ୍ୟଜଣକୁ ଚାହିଁପାରିବ, ଭଲ ପାଇପାରିବ ମଧ୍ୟ। ତା'ପରେ ସେ ଚାହିଁଲେ ଅନ୍ୟଜଣକୁ ପାଇପାରିବ, ଅନ୍ୟ ଜଣକ ମଧ୍ୟ ଚାହିଁଲେ ଆଉ ଜଣକୁ ପାଇପାରିବ ।

### ଅସ୍ଥିର ଶବ୍ଦାର୍ଥ ଓ ଅନିଶ୍ଚୟ ଅବବୋଧ ବନାମ 'ନାହିଁ-ଅଛି', 'କିଏ', 'ମୁଁ', 'ଏବେ', 'ସହର', 'ମାଟି' ଆଦି ସଂକେତକର ଭାଷିକ-ଅନୁଷଙ୍ଗ:

କୁମାର ମହାନ୍ତିଙ୍କର ଗୋଟିଏ କବିତାରେ ପଂକ୍ତିଟିଏ ରହିଛି ଏବଂ ତାହା ଏହିଭଳି...."ନିଦେଇ ଶୋଇବାକୁ ଘର ନାହିଁ/ ଘର ଥିଲେ ଏଠି ତର ନାହିଁ/ ତର ଥିଲେ ଆଉ ଥାଉ ମନ କାହିଁ/ ମନ ଯଦି ଅଛି ମାନ ନାହିଁ/ ମାନ ଥିଲେ ତହିଁ ପ୍ରାଣ କାହିଁ /ପ୍ରାଣ ଥିଲେ ଆଉ ଦୁଃଖ କାହିଁରେ ଦୁଃଖ କାହିଁ ।"

ଏଇ ପଙ୍‌କ୍ତିରେ ପଦର ପ୍ରାନ୍ତରେ ଯେଉଁ ଶବ୍ଦାଂଶ ରହିଛି, ତାହାକୁ ପୁଣି ଆଦ୍ୟରେ ବ୍ୟବହାର କରାଯାଇଛି। ତତ୍‌ସହିତ ସେଥିରେ ପୁଣି 'ନାହିଁ' ଏବଂ 'ଅଛି'ର ବହ୍ୱାର୍ଥକତା ଭିତ୍ତିକ ଶାବ୍ଦିକ ଲୁଚକାଳି ଖେଳ ରହିଛି। ଯଥା: "ଘର ନାହିଁ", ଓ "ଘର ଥିଲେ"। ଏଠି "ଘର ଥିଲେ" ହେଉଛି 'ଅଛି'ର ଅତୀତକାଳିକ ରୂପ। ସେହିପରି, "ଉଜାଣି ବୁହାଏ କିଏ, ହାଏ ହାଏ ହୁଏ କିଏ, ହାତ ଯୋଡ଼ି ଡାକେ କିଏ" (କୁମାର ମହାନ୍ତି)। ଏହି ପଦରେ 'କିଏ' ପ୍ରଶ୍ନସୂଚକ ଅବ୍ୟୟ ପଦଟି ତିନିଥର ବ୍ୟବହାର ହୋଇଥିଲେ ମଧ୍ୟ ପ୍ରାସଙ୍ଗିକତା ଦୃଷ୍ଟିରୁ ଭିନ୍ନ ଭିନ୍ନ ଅର୍ଥକୁ ପ୍ରତୀକିତ କରୁଛି। 'ଉଜାଣି ଯିଏ ବୁହାଉଛି', କିମ୍ବା 'ଯିଏ ହାଏ ହାଏ ହେଉଛି', କିମ୍ବା 'ଯିଏ ହାତ ଯୋଡ଼ି ଡାକୁଛି'। ଏଠାରେ ଅନିର୍ଦ୍ଦିଷ୍ଟତାବାଚକ 'ଯିଏ' ଅବ୍ୟୟଟି ତିନି ଥର ବ୍ୟବହୃତ ହୋଇଥିଲେ ମଧ୍ୟ ଏଥିରେ ଅର୍ଥସ୍ତରୀୟ ଅସ୍ଥିରତା ବିଦ୍ୟମାନ।

କେତେକ କବିତାରେ 'ସହର' ଓ ଆତ୍ମବାଚକ ସର୍ବନାମ 'ମୁଁ 'ର ବାରମ୍ବାର ପ୍ରୟୋଗ କରାଇ ବିଭିନ୍ନ ପ୍ରକାରର ଅର୍ଥସ୍ତରୀୟ ବିବିଧତା ନିର୍ଣ୍ଣୟ କରାଯାଇଛି। ଯଥା:

୧) "ଏ ସହର ଭାଙ୍ଗୁଆ ସହର/ ଏ ସହର ଭଣ୍ଡାମି ଭକ୍ତିର/ ଏ ସହର ସଫଳ ବେଶ୍ୟାର/ ଏ ସହର ନୀତିହୀନ ରାଜନୀତିଜ୍ଞର/ ଏ ସହର ସତେ ପୁଣି ସ୍ୱର୍ଗଦ୍ୱାର ମଶାଣି ଭୂଇଁର?"

ଗୋଟିଏ ସମ୍ପୂର୍ଣ୍ଣ କବିତାର କେତୋଟି ପାଦକୁ ଏଠାରେ ଉଦ୍ଧାର କରାଯାଇଛି। କୁମାର ମହାନ୍ତି "ଏ ସହର" ଶବ୍ଦାଂଶକୁ ଯେଉଁ ବିଶେଷଣ ଯୁକ୍ତ ପ୍ରାସଙ୍ଗିକତା ପ୍ରଦାନ କରିଛନ୍ତି, ତାହା ପ୍ରତ୍ୟେକ ପ୍ରୟୋଗରେ ଭିନ୍ନ ଓ ସ୍ୱତନ୍ତ୍ର ଅର୍ଥ ନିଷ୍ପତ୍ତି କରିଛି। "ଏ ସହର ଭାଙ୍ଗୁଆ ସହର" ଅର୍ଥାତ୍ ଭାଙ୍ଗ ଖାଇ ଟୋକାମାନେ ଏଠାରେ ସମଲିଙ୍ଗୀ ଯୌନ ସମ୍ପର୍କରେ ଲିପ୍ତ ରହନ୍ତି ।

୨) କେତେକ କବିତାରେ ଏକବଚନସୂଚକ 'ମୁଁ' ସର୍ବନାମଟିକୁ ବିବିଧ ଅର୍ଥରେ ବ୍ୟବହାର କରାଯାଇଛି। ଯେମିତିକି, "ମୁଁ ସୃଜିଲି ମେଦିନୀ," "ମୁଁ ସୃଜିଲି ପ୍ରକୃତି ପୁରୁଷ," "ମୁଁ ସୃଜିଲି ଯୌବନକୁ," "ମୁଁ ଯୌବନ, ମୁଁ ଖୋଜୁଛି ମୋତେ," "ମୁଁ ବାଳକ ଗୁରୁଣ୍ଡି ଗୋପାଳ," "ମୁଁ କିନ୍ତୁ ଚାଲିଲି ମଥୁରା," "ମୁଁ ନିଜେ ମୋ ଯୌବନକୁ ପାଇନାହିଁ ଜାଣୁ," ବା "ମୁଁ ଚାହୁଁନି ଏ ମାଟିକୁ ଆଉ," "ମୁଁ ଚାହୁଁଛି ମୁକ୍ତି ଖାଲି ଶବ୍ଦର ଭିତରେ," "ମୁଁ ଅନାମ, ଅଣାକାର।"

ଏହି ପଦଗୁଡ଼ିକରେ ଯେଉଁ 'ମୁଁ' ପ୍ରଥମପୁରୁଷୀୟ ଆତ୍ମବାଚକ ସର୍ବନାମ ପଦଟି ବ୍ୟବହୃତ ହୋଇଛି, ତାହାର କାର୍ଯ୍ୟକାରଣଗତ ପ୍ରକ୍ରିୟା ଭିନ୍ନ ଭିନ୍ନ। କାରଣ ପ୍ରତ୍ୟେକ 'ମୁଁ'ରେ ଅର୍ଥସ୍ତରୀୟ ଅସ୍ଥିରତା ବିଦ୍ୟମାନ। ପ୍ରତ୍ୟେକ 'ମୁଁ'ର ବୋଧ ସ୍ୱତନ୍ତ୍ର। କୌଣସି ଧାରାବାହିକ ନିଶ୍ଚିତତାବୋଧ କିମ୍ବା ଅପରିବର୍ତ୍ତନୀୟତା ଭିତ୍ତିରେ ଏହି 'ମୁଁ' ସର୍ବନାମଟି ବ୍ୟବହୃତ ହୋଇ ନାହିଁ। ଏହା ଯେଉଁଠି ଯେଉଁଠି ବ୍ୟବହୃତ ହୋଇଛି, ସେଇଠି ସେଇଠି ପରିବର୍ତ୍ତନୀୟ ଅର୍ଥାନୁଷଙ୍ଗ ନିର୍ମାଣ କରିଛି ।

'ମାଟି' ଶବ୍ଦର ବାରମ୍ବାର ପ୍ରୟୋଗ ହେତୁ ଅର୍ଥସ୍ତରୀୟ ଅସ୍ଥିରତା ସୃଷ୍ଟି ହୋଇଛି। ଯେମିତି କି "ମାଟି ମାଟି ମାଟି-ମାଟିରୁ ଆକାଶ।/ତା' ତଳେ ମାଟିରେ ସାଗର-/ମାଟିରୁ ବତାସ। / ମାଟିର ମଣିଷ-/ମାଟିରୁ ଗରାସ। /ମାଟିରୁ ଅଙ୍କୁର/, ମାଟିରେ ପାଉଁଶ। /ମାଟିକୁ ବାନ୍ଧିଛି-କିଏ କେତେ କାଳ? 'ଏଠି ମାଟି ବିବିଧ କାରକ ସହିତ ସଂପୃକ୍ତ। ମାଟି ମାଟି ସହିତ ସମ୍ପୃକ୍ତ। ମାଟିରୁ ଆକାଶ ପର୍ଯ୍ୟନ୍ତ ବିସ୍ତାରିତ। ଏଇ ମାଟିରେ ସାଗର ଅଛି। ଏଇ ମାଟିରେ ପବନ ବହୁଛି। ଏଠି ଏଇ ମାଟିରେ ମଣିଷ ବଞ୍ଚୁଛି। ଏଇ ମାଟିରୁ ସକଳ ସମ୍ଭାବନାର ଅଙ୍କୁରୋଦ୍‌ଗମ ହେଉଛି। ପୁଣି ସବୁକିଛି ପାଉଁଶ ବା ଧ୍ୱଂସ ଭିତରେ ଲୀନ ହେଇଯାଉଛି। ତେଣୁ ଏ ମାଟିକୁ ନେଇ ଅହଙ୍କାର ପୋଷଣ କରିବା ଅନୁଚିତ୍। ଏ ମାଟି କାହାରି ନୁହେଁ। କାହାରି ଅଧୀନ ନୁହେଁ, ଅଧୀନସ୍ଥ ନୁହେଁ କିମ୍ବା କାହାରି ପୈତୃକ ସମ୍ପତ୍ତି ମଧ୍ୟ ନୁହେଁ। ଏ ମାଟି ପରିବର୍ତ୍ତନଶୀଳ। ଏ ମାଟି ସ୍ୱତନ୍ତ୍ର। ଏ ମାଟି

ବହୁବିଧ ଅର୍ଥାନ୍ୱୟଯୁକ୍ତ।

ଅନାମ୍ କବି ମନୁ ଦାସଙ୍କର ଅନାମ୍ ୪୯ (୨୦୨୦) ରେ 'ଏବେ ମନୁ ଭଜୁଥା ରାତିଦିନ' ବାକ୍ୟଟି ସର୍ବମୋଟ ୬ ଥର ବ୍ୟବହାର କରାଯାଇଛି; କିନ୍ତୁ ଏଥିରେ ମନୁ ଶବ୍ଦଟି ଉଦ୍ଧୃତି ରହିଛି, ଭୋଜୁଥା 'ମନୁ ଭୋଜୁଥା'ରେ ଉଦ୍ଧୃତି ରହିଛି। ୬ ପ୍ରକାରର ପ୍ରସଙ୍ଗାର୍ଥ ଆଉ ୬ ପ୍ରକାରର ନବୀନ ଅର୍ଥ ଏଠାରେ ସମ୍ମୁଖୀକୃତ।

ସେଇପରି ମନୁ ଦାସଙ୍କର ଅଗଷ୍ଟ ୨୦୨୦ରେ ରଚିତ କବିତାରେ 'ହୋ ଭଗତେ' ୬ ଥର ବ୍ୟବହାର କରାଯାଇଛି। ଜାନୁଆରୀ ୨୦୨୧ରେ ରଚିତ ଗୋଟିଏ କବିତାରେ 'ଚାଲ୍ ଚାଲ୍ ଆଗେ ଚାଲ୍, ଆଗେ ଚାଲ୍ ପଛେ ଚାଲ୍, ବାମେ ଚାଲ୍ ଡାଏଁ ଚାଲ୍, ଡାହାଣ ରେ ଚାଲ୍, ଚାଲ୍ ଚାଲ୍ ଆଗେ ଚାଲ୍'। 'ଚାଲ' କ୍ରିୟାବାଚକ ସମ୍ବୋଧନସୂଚକ ସଙ୍କେତକ ଏଠାରେ ଗୋଟିଏ ଅର୍ଥକୁ ସୂଚିତ କରୁନାହିଁ। ତା ପରେ ପୁଣି ଆଉ ଥରେ 'ଚାଲ' ଶବ୍ଦ ପ୍ରୟୋଗ କରାଯାଇଛି। କିନ୍ତୁ ପ୍ରାସଙ୍ଗିକତା ଭିନ୍ନ ଭିନ୍ନ।

ସେଇପରି 'ନେ' 'ଦେ'କୁ ନେଇ ମନୁ ଦାସଙ୍କର ଗୋଟିଏ କବିତା ରହିଛି। ଏଠାରେ ପ୍ରତ୍ୟେକ 'ନେ' 'ଦେ' ମଧ୍ୟରେ ବିବିଧାର୍ଥ ବିଦ୍ୟମାନ।" ଯଥା: ଡାଳ ନେ, ଫଳ ନେ, ବଳ ନେ, ଜହ୍ନ ନେ, ତାରା ନେ, ଆକାଶ ନେ, ଜହ୍ନ ନେ, ମନ ନେ, ଧନ ନେ, ବାଢି ନେ, ଗାଡ଼ି ନେ,ଶାଢୀ ନେ, ଦାନା ନେ, କନା ନେ, ମଶା ନେ, ସୁଖ ନେ, ନେତ ନେ, ରଥ ନେ, ଦେଉଳ ନେ, ଚାଉଳ ନେ, ଛତା ନେ, ଜୋତା ନେ ଇତ୍ୟାଦି। ପ୍ରତେକ "ନେ" ଏଠି ଅସ୍ଥିର ଅର୍ଥକୁ ସୂଚିତ କରୁଛି। ହେଇପାରେ ଏହି "ନେ" ଏକ ମୁକ୍ତରୂପିମ, ଯାହାର ନିଜସ୍ୱ ଅର୍ଥ ଅଛି। ଏହା ଏକ ମୌଳଶବ୍ଦ ବା କ୍ରିୟା ହୋଇପାରେ; କିନ୍ତୁ ପ୍ରତ୍ୟେକ "ନେ" ଭିନ୍ନ ଭିନ୍ନ ଅଭିପ୍ରାୟର ସୂଚକ ହୋଇ ଏଠାରେ ବ୍ୟବହୃତ।

ଅନାମ କବିତାରେ ଅଧିକାଂଶ ସ୍ଥାନରେ ଶବ୍ଦ ସଂଯୋଜନା ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭାଷା ସହିତ ଗତାନୁଗତିକ ଭାବର ସଂଶ୍ଳିଷ୍ଟତା ସେଇ କବିତାଗୁଡ଼ିକୁ ନିୟନ୍ତ୍ରଣ କରି ନାହିଁ। ଏଠାରେ ଶବ୍ଦ ବା ସଂକେତକ ଏବଂ ଅର୍ଥ ବା ଭାବ ସର୍ବଦା ବନ୍ଧନ ମୁକ୍ତ। କବିତାଗୁଡ଼ିକର ସ୍ଥିତି ମଧ୍ୟ ଅସ୍ଥିର। ଯାକୁ ପଢି ଏକ ପ୍ରକାର ଅନୁଭବ ଆଉ ମୂଲ୍ୟାୟନ କରି ହେବ ନାହିଁ। ଏ କବିତାଗୁଡ଼ିକୁ ପାଠକ ପଢି ନିଜେ ଯାର ଅର୍ଥ ଆବିଷ୍କାର କରିବ। ଅର୍ଥାତ ଅନାମ କବିମାନେ ଯେଉଁ କବିତା ଲେଖିଛନ୍ତି, ସେ କବିତାକୁ ଯଦି ଜଣେ ପାଠକ ବା ସହୃଦୟ ପାଠକ ଆନ୍ତରିକତାର ସହିତ ଏବଂ ନିବିଡ଼ତାର ସହିତ ତାକୁ ପାଠକରେ ତେବେ ଅନାମ କବିମାନେ ଯେଉଁ ଭାବସ୍ପନ୍ଦନରେ ରହି ସେ କବିତାକୁ ରଚନା କରିଛନ୍ତି, ସେଇ ଭାବ ସ୍ପନ୍ଦନକୁ ପାଠକ ଗତି କରିପାରିବ। ଏ କବିତାଗୁଡ଼ିକୁ ପାଠକଲେ ଆମେ ବିଶେଷ କରି ପୁରୀ ସହର ଏବଂ ପୁରୀର ସାମାଜିକ ସଂପୃକ୍ତି, ସାଂସ୍କୃତିକ ନିର୍ମିତି, ରାଜନୈତିକ କଳୁଷତା, ବାଣିଜ୍ୟିକ ମନୋବୃତ୍ତି ପ୍ରଭୃତି ସମ୍ପର୍କରେ ସ୍ପଷ୍ଟ ଚିତ୍ର ଆଙ୍କି ହେଇଯାଏ। ଆଉ ଏ କଥା ମଧ୍ୟ ମନେ ରଖିବା ଉଚିତ ପୁରୀକୁ ନେଇ ଅନାମମାନେ ଯେଉଁ କବିତା ଲେଖିଛନ୍ତି, ତାହା କେବଳ ପୁରୀ ସହରର କବିତା ନୁହେଁ। ଏହା ବିଶ୍ୱର ଯେ କୌଣସି ମନ୍ଦିର ସଭ୍ୟତାସଂପନ୍ନ ସହରର କବିତା। ଧର୍ମ ନାମରେ ଯେଉଁଠି ଭଣ୍ଡାମୀ ଚାଲେ ସେଇ ସହରର କବିତା। ତେଣୁ କବିତାଗୁଡ଼ିକରେ ଯେଉଁ ସଂକେତ ବା ଶବ୍ଦ ସଂକେତର ବ୍ୟବହାର କରାଯାଇଛି, ତାହା ପ୍ରତ୍ୟେକ ସ୍ଥାନ, କାଳ ଏବଂ ପାତ୍ର ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ।

ଅନାମ ଗୋଷ୍ଠୀ ଭଲ ଭାବରେ ଉପଲବ୍ଧି କରିଥିଲେ ଯେ ଭାଷା କିମ୍ବା ଭାଷା ଦ୍ୱାରା ରଚିତ କବିତା ଏକ ପ୍ରାମାଣିକ ଦଲିଲ ନୁହେଁ। ଏପରିକି ଏହା ଲେଖକର ପୈତୃକ ସମ୍ପତ୍ତି ମଧ୍ୟ ନୁହେଁ। ଲେଖକ ଜଣେ ମଣିଷ ଭାବରେ କେବଳ ଲେଖିଦେଇଛି। ପାଠକ ଯେତେବେଳେ ତାହାକୁ ପଠନ କରିବ, ସେତେବେଳେ ସେ କବିତାରେ ଥିବା ପ୍ରାସଙ୍ଗିକତା ସହିତ ପାଠକର ମାନସିକ ପ୍ରାସଙ୍ଗିକତା ଯୁକ୍ତ ହେବ। ପାଠକ ସେ କବିତାଗୁଡ଼ିକୁ ପଠନ କରିବା ମାତ୍ରକେ ତା ଅନୁଭୂତିରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ସଂଘଟିତ ହେବ। ବିଭିନ୍ନ ପ୍ରକାରର ନୂତନ ଚିନ୍ତାଚେତନାର ସୂତ୍ରପାତ ହେବ। ଏବଂ ମୂଲ୍ୟାୟନ ମଧ୍ୟ ବଦଳି ବଦଳି ଯିବ। ପାଠକ ଯେତେ ଯେତେ ପଢିବ, ସେତେ ସେତେ ଅଧିକ ଅନୁଭୂତି ଆହରଣ କରିବ। ତେଣୁ ଅନାମ କବିମାନେ ଯେଉଁ ଆନ୍ଦୋଳନ କରିଥିଲେ, ସେ ଆନ୍ଦୋଳନ ଥିଲା ଅନୁଭୂତିସର୍ବସ୍ୱ ଏକ ଆନ୍ଦୋଳନ। ଏଥିରେ ଅଭିଜ୍ଞତାର ରକ୍ଷଣଶୀଳ ସ୍ଥିର ଆଧିପତ୍ୟ ନଥିଲା। କାରଣ ଅଭିଜ୍ଞତା ଏକ ଦୀର୍ଘତର ଆଭ୍ୟାସିକତାରୁ ଜନ୍ମ ନେଇଥାଏ ।

ଏଥିରେ ଅଭିଜ୍ଞତାର... ରକ୍ଷଣଶୀଳ ସ୍ଥିର ଆଧିପତ୍ୟ ନ ଥିଲା। କାରଣ ଅଭିଜ୍ଞତା ଏକ ଦୀର୍ଘସ୍ୱରୀୟ ଆଭ୍ୟାସିକତାରୁ ଜନ୍ମ ନିଏ। କିନ୍ତୁ ଅନୁଭୂତି ଏକ ପ୍ରକ୍ରିୟା। ଅନୁଭୂତି ଏକ ମୁଦ୍ରିତ (Printed) ଗ୍ରନ୍ଥ ନୁହେଁ। ଏହା ସଚଳ ଜୀବନ। ଏହାକୁ ଜଣେ ପାଠକ ତା' ନିଜ ଢଙ୍ଗରେ ବୁଝିବା ପାଇଁ ଚେଷ୍ଟା କରିଥାଏ। ବୁଝି ସାରି ତାକୁ ଏକ ନୈର୍ବ୍ୟକ୍ତିକ ପ୍ରକ୍ରିୟା ମାଧ୍ୟମରେ ବ୍ୟାଖ୍ୟା କରିଥାଏ। ସେଥିପାଇଁ ଅନାମ କବିତାରେ ବ୍ୟବହାର କରାଯାଇଥିବା ଭାଷା ଏବଂ ଆଙ୍ଗିକ ସମ୍ପୂର୍ଣ୍ଣ ଭାବରେ ନିଆରା, ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର, ସମ୍ପୂର୍ଣ୍ଣ ଭାବରେ ଅନନ୍ୟ। ଏମାନେ ଯେହେତୁ ଶ୍ରୀ ଜଗନ୍ନାଥ ଚେତନାକୁ କେନ୍ଦ୍ର କରି କବିତାର ଆତ୍ମିକତାକୁ ପରିଶୀଳିତ କରିବା ପାଇଁ ପ୍ରୟାସ କରିଥିଲେ, ସେଥିପାଇଁ ଏମାନଙ୍କ କବିତାର କବିତାରେ ବ୍ୟବହୃତ ଶବ୍ଦ, ବାକ୍ୟ, ଅର୍ଥ ସ୍ତରରେ କୌଣସି ନିର୍ଦ୍ଦିଷ୍ଟ ରୂପରେଖ କିମ୍ବା ଧରାବନ୍ଧା ପଦ୍ଧତି ଅନୁସୃତ ହୋଇନାହିଁ। କାରଣ ଶ୍ରୀ ଜଗନ୍ନାଥଙ୍କ ଚେତନା ଏବଂ ନିଜେ ଶ୍ରୀ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ମଧ୍ୟରେ ବା ଧାରା ମଧ୍ୟରେ ସୀମାବଦ୍ଧ ନୁହନ୍ତି। ତାଙ୍କର ଅବୟବ, ତାଙ୍କର ଅଙ୍ଗପ୍ରତ୍ୟଙ୍ଗର ଅର୍ଥ କିମ୍ବା ବ୍ୟାଖ୍ୟାକରଣ ସମ୍ପୂର୍ଣ୍ଣ ଭାବରେ ଅଭିଧାନ ବହିର୍ଭୂତ। ତେଣୁ ଅନାମ କବିମାନେ ଶୂନ୍ୟ, ନିରାକାର, ଅନାମ, ଅଣାକାର ମଧ୍ୟରୁ ଜୀବନକୁ ଆବିଷ୍କାର କରିବା ପାଇଁ ପ୍ରୟାସ କରିଛନ୍ତି। ଏମିତି କିଛି ଗୋଟେ ଶକ୍ତି ରହିଛି ଯେଉଁ ଶକ୍ତି ସବୁକିଛିର ମୂଳାଧାର। ସେହି ଶକ୍ତିର ଗୋଟେ ଗୋଟେ ଅଂଶ ପ୍ରତ୍ୟେକ ମଣିଷ। ଏକଥାକୁ ଅନାମ କବିମାନେ ଚିତ୍ରିତ କରିଛନ୍ତି। କିନ୍ତୁ

ଏ ଚିତ୍ରଣ ପଶ୍ଚାତରେ କୌଣସି ଶାସ୍ତ୍ରୀୟ ବା କୌଣସି ଦୁର୍ବୋଧ ବା କୌଣସି କାର୍ଯ୍ୟକାରଣଗତ କଠୋର ନୀତିନିୟମ କିମ୍ବା ପ୍ରତିବଦ୍ଧତା ଏଠାରେ ଉପସ୍ଥିତ ନାହିଁ। ଏ କବିତାଗୁଡ଼ିକରେ ପ୍ରାୟତଃ ବିବର୍ତ୍ତନଶୀଳତାର ସ୍ପନ୍ଦନ ସର୍ବତ୍ର ସଞ୍ଚାରିତ।

### ସହାୟକ ଗ୍ରନ୍ଥସୂଚୀ:


୧) ଦାଶ ମନୁ (ସଂ.)। ୨୦୨୨।, ଅନାମ କାବ୍ୟ ଆନ୍ଦୋଳନ, ଭୁବନେଶ୍ୱର: ଧଉଳି ବୁକ୍ସ।

୨) ଦାସ ରବୀନ୍ଦ୍ର କୁମାର। ୨୦୦୮। ଶୈଳୀବିଜ୍ଞାନର ଆଲୋକରେ ଫକୀରମୋହନଙ୍କ ଉପନ୍ୟାସ। ଭୁବନେଶ୍ୱର: ମୀରାମ୍ବିକା ପ୍ରକାଶନୀ।

୩) ପଟ୍ଟନାୟକ ଜିତେନ୍ଦ୍ର ନାରାୟଣ। ୨୦୦୬। ସଂପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ, ବିଦ୍ୟାପୁରୀ।

୪) Malpas, Simon: The Post Modernism, Routledge, 2005.

୫/ Hart Kelvin, Post Modernism, One word, Oxford, 2006.

୬) Nayar, Pramod K: Contemporary Literary and Cultrual Theory, Pearson 2010



**Cite this Article :**

**Das, Rabindra Kumar, "*Uttarasanrachanabadi Asthira Sabdartha O Anischaya-Ababodha Banam 'Anama Kabita'ra Bhasika-Anusang*"**, Bageesha, Vol. No. 03, Issue No. 04, May-June 2025, Article No: BM2025/NF04-A001| Page- 41-51| DOI: https://doi.org/10.70541/BAGEESHA/NF2025030401


ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି । ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ-ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ।

- ସମ୍ପାଦକ